**ମା' ଚର୍ଚ୍ଚିକା ମନ୍ଦିର ଖୋଲିଲା**

ବାଙ୍କୀ, (ସ୍ୱ.ପ୍ର.): କୋଭିଡ କଟକଣା କୋହଳ ହେବା ପରେ ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ମନ୍ଦିରକୁ ବୁଧବାର ଦର୍ଶନ ନିମନ୍ତେ ଖୋଲିବା ପାଇଁ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ଅନୁମତି ପ୍ରଦାନ କରିଛନ୍ତି। ଏନେଇ ଚର୍ଚ୍ଚିକା ମନ୍ଦିର ଟ୍ରଷ୍ଟି କାଳନ୍ଦୀ ଚରଣ ମହାପାତ୍ର, ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, ଉପସଭାପତି ସନ୍ତୋଷ କୁମାର ରଣା, ସମ୍ପାଦକ ନୀଳମଣି ମହାପାତ୍ର ପ୍ରମୁଖ ଉପଜିଲାପାଳଙ୍କୁ ଭେଟି ମନ୍ଦିର ଖୋଲିବା ପାଇଁ ଅନୁରୋଧ କରିଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କଉଦ୍ଭଳ ସମ୍ମିଳନୀ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜନ୍ମତିଥିରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କାର୍ଯ୍ୟକ୍ରମ, ରବୀନ୍ଦ ମଣ୍ଡପ ସମ୍ମୁଖ ଓ ମୁଖ୍ୟ ଡାକଘର ନିକଟ, ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୩୭ତମ ଜୟନ୍ତୀ ପାଳନ, ମୁଖ୍ୟ ଡାକଘର ସମ୍ମୁଖ, ସକାଳ ୯ଟା।

**ବାରଙ୍ଗ**

- ବାରଙ୍ଗ ୩୨ନମ୍ବର ଜୋନ ଭାଜପା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ, ଫୁଲପୋଖରୀ ତାରିଣୀ ମନ୍ଦିର, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ପୁରୁଣା ଭୁବନେଶ୍ୱର,୪।୮(ଡି.ଏନ୍.ଏ.):** ବିଶିଷ୍ଟ ସାହିତ୍ୟ ସାଧିକା ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପଞ୍ଚଦଶତମ ଶ୍ରାଦ୍ଧବାର୍ଷିକୀ କପିଳେଶ୍ୱରସ୍ଥିତ ବଡ଼ ଭୋଇ ସାହିରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେବା ପ୍ରତିନିଧି ସଙ୍ଗଠନର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ସଂଯୋଜନାରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ସ୍ୱର୍ଗତ ଶତପଥୀଙ୍କ ସମୟରେ ଭୂମିହୀନଙ୍କୁ ଭୂମି ପ୍ରଦାନ କରିବା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ବିଭିନ୍ନ ଜନଜାତିକୁ ଥଇଥାନ ଆଦି କାର୍ଯ୍ୟ ହୋଇଥିଲା ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଅଶୋକ କୁମାର ମହାରଣା, ରୀତା ଭୋଇ, ମନୋରମା ଭୋଇ, ମମତା ଦାସ, ମମତା କଣ୍ଡି, ଅନୁପମା କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

### କେନାଲରେ ଭାସି ବୃଦ୍ଧା ନିଖୋଜ

**ସାଲେପୁର, ୪।୮(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା କେନାଲକୁ ଶୌଚ ହେବାକୁ ଯାଇଥିବା ଜଣେ ବୃଦ୍ଧା କେନାଲ ପାଣିରେ ଭାସି ବୁଧବାର ନିଖୋଜ ହୋଇଯାଇଛନ୍ତି। ସେ ହେଲେ ସାଲେପୁର ଥାନା ଅନ୍ତର୍ଗତ କୋଲଣପୁର ଗ୍ରାମର ଛବି ମଲିକ(୬୫)। ଶୌଚ ହେବା ସମୟରେ ପାଣିର ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ସାଲେପୁର ଦମକଳ ବାହିନୀ ପକ୍ଷରୁ ପାଣିରେ ଖୋଜାଖୋଜି ଜାରି ରହିଛି।

### ରାସ୍ତା, ଡ୍ରେନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ପୁରୁଣା ଭୁବନେଶ୍ୱର,୪।୮(ଡି.ଏନ୍.ଏ.):** ଏକାମ୍ର ନିର୍ବାଚନମଣ୍ଡଳୀ ବାସୁଆଘାଇ ପଞ୍ଚାୟତର ଜଗନ୍ନାଥ ନଗରଠାରୁ କୋରଡକଣ୍ଟା ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନର ଉନ୍ନତୀକରଣ ପାଇଁ ବୁଧବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୬ କୋଟି ଟଙ୍କା ବିନିମୟରେ ପେଭର ବ୍ଲକ ଦ୍ୱାରା ରାସ୍ତା ନିର୍ମାଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ପରେ ମନ୍ତ୍ରୀ ପଣ୍ଡା କୋରଡକଣ୍ଟା ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଉନ୍ନତୀକରଣ ପାଇଁ ୫୦ ହଜାର ଟଙ୍କା ପ୍ରଧାନ ଶିକ୍ଷକଙ୍କୁ ପ୍ରଦାନ କରିଥିଲେ। ଏଥିସହ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଅବିନାଶ ପଟ୍ଟନାୟକ, ଦିପ୍ତିମୟୀ ସୁନ୍ଦରାୟ, ବିନୋଦିନୀ ଜେନା, ପ୍ରଶାନ୍ତ ମୁଖି, ଜ୍ୟୋତ୍ସ୍ନାମୟୀ ରାଉତରାୟ, କୃତାର୍ଥ ପ୍ରଧାନ, ଜ୍ଞାନରଞ୍ଜନ ଜେନା, ଅଶୋକ ଜେନା, ସୁବାସ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଏମ୍ସ- ଆଇଗିଣିଆ ମଧ୍ୟରେ ନୂଆ ଅଣ୍ଡରପାସ୍ ରାସ୍ତା ନିର୍ମାଣ ଦାବି

ଭୁବନେଶ୍ୱର,୪।୮(ବ୍ୟୁରୋ)-ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ) ଏବଂ ଆଇଗିଣିଆ ଛକ ମଧ୍ୟରେ ଜାତୀୟ ରାଜପଥ ନମ୍ବର ୧୬ରେ ଆଉ ଏକ ନୂଆ ଅଣ୍ଡରପାସ୍ ରାସ୍ତା ନିର୍ମାଣ କରିବାକୁ ମନ୍ତ୍ରୀ ତଥା ଭୁବନେଶ୍ୱର ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା ବୁଧବାର ନୂଆଦିଲ୍ଲୀସ୍ଥିତ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍ଏଚଏଆଇ) ଅଧ୍ୟକ୍ଷ ଗିରିଧର ଅରମାନେଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଚିଠିରେ ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଏନ୍ଏଚ ୧୬ରେ ଥିବା ୭ ମିଟର ଅଣ୍ଡରପାସ୍ ଖଣ୍ଡଗିରି ଛକରୁ ପ୍ରାୟ ଦୁଇ କିଲୋମିଟର ଦୂର। ଏହା ଅଣଓସାରିଆ ହୋଇଥିବାରୁ ଉଭୟ ପଟରୁ ଯାନବାହନ ଯିବା ଆସିବା ନେଇ ସମସ୍ୟା ସୃଷ୍ଟି ହେଉଛି। ଏମ୍ସ ଛକ ଓ ଆଳୁ ଗୋଦାମ ନିକଟରେ ଥିବା ଅଣ୍ଡରପାସ୍ ଅଣଓସାରିଆ ଏବଂ ଦୂର ହୋଇଥିବାରୁ ଅନେକ ସମୟରେ ରାଜପଥରେ ଦୁର୍ଘଟଣା ଘଟୁଛି। ଏହାକୁ ଦୃଷ୍ଟିରେ ରଖି ଏମ୍ସ ଏବଂ ଆଇଗିଣିଆ ମଧ୍ୟରେ ଏକ ଉପଯୁକ୍ତ ସ୍ଥାନରେ ୨୦ ମିଟର ଚଉଡ଼ା ବିଶିଷ୍ଟ ଆଉ ଏକ ଅଣ୍ଡରପାସ୍ ତୁରନ୍ତ ନିର୍ମାଣ କରିବାକୁ ମନ୍ତ୍ରୀ ପଣ୍ଡା ଏନ୍ଏଚଏଆଇ ଅଧ୍ୟକ୍ଷଙ୍କ ନିକଟରେ ଦାବି କରିଛନ୍ତି।

# କଲାମଙ୍କ ନାମରେ ହେବ ପାର୍କ

**ଭୁବନେଶ୍ୱର,୪।୮(ବ୍ୟୁରୋ)**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଦ୍ୱାରା ସ୍ଥାନୀୟ କଳିଙ୍ଗନଗର କେ-୮ ଅଞ୍ଚଳରେ ନିର୍ମାଣ ହେଉଥିବା ପାର୍କକୁ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ୍ କଲାମଙ୍କ ନାମରେ ନାମିତ କରାଯିବ। ଏନେଇ ବିଡିଏ ପକ୍ଷରୁ ଟୁଇଟ୍ କରି ଜଣାଯାଇଛି। କଳିଙ୍ଗ ନଗରଠାରେ ୧୨ ଏକର ପରିମିତ ଅଞ୍ଚଳରେ ତିଆରି ହେଉଥିବା ପାର୍କର ନିର୍ମାଣ କାର୍ଯ୍ୟ ଆସନ୍ତା ମାସକ ମଧ୍ୟରେ ଶେଷ ହେବ ବୋଲି ଆଶା ରଖାଯାଇଛି। ଭାରତର ମିଶାଇଲ ମ୍ୟାନ ବୋଲି କୁହାଯାଉଥିବା କଲାମଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ସ୍ୱରୂପ ତାଙ୍କ ନାମରେ ପାର୍କର ନାମକରଣ କରାଯିବାକୁ ବିଡିଏ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ପାର୍କ କେବଳ ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ସହାୟକ ହେବ ତାହା ନୁହେଁ



**ମାସକ ମଧ୍ୟରେ ସରିବ କଳିଙ୍ଗନଗର ପାର୍କ ନିର୍ମାଣ**

ବରଂ କଲାମଙ୍କ ଭଳି ଜଣେ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ବିଷୟରେ ଯୁବଗୋଷ୍ଠୀ ଅଧିକରୁ ଅଧିକ ଜାଣିବାକୁ ଉତ୍ସାହିତ ହେବେ। ଭୁବନେଶ୍ୱରରେ ଏହା ହେଉଛି ପ୍ରଥମ ପାର୍କ, ଯାହାକି କଲାମଙ୍କ ନାମରେ ନାମିତ ହେବାକୁ ଯାଉଛି ବୋଲି ବିଡିଏର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଗତ ଜୁନ୍‌ରେ ବିଡିଏ ପକ୍ଷରୁ ସହରରେ ୩ଟି ପାର୍କ ନିର୍ମାଣ ପାଇଁ ଘୋଷଣା କରାଯାଇଥିଲା। ସେଥିମଧ୍ୟରେ ଗୋଟିଏ କଳିଙ୍ଗନଗରରେ ନିର୍ମାଣ ହେଉଥିବାବେଳେ ଅନ୍ୟ ୨ଟି ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ ଓ ଲକ୍ଷ୍ମୀସାଗର ଅଞ୍ଚଳରେ ନିର୍ମାଣ ହେଉଛି। କଳିଙ୍ଗନଗର ପାର୍କ ପାଇଁ ୧୫.୪୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିବାବେଳେ ଡୁମୁଡୁମା ଏବଂ ଲକ୍ଷ୍ମୀସାଗର ପାର୍କ ପାଇଁ ଯଥାକ୍ରମେ ୨୯.୨୭ ଏବଂ ୪୨.୭୧ଲକ୍ଷ ଟଙ୍କା ଅଟକଳ କରାଯାଇଛି। ଉକ୍ତ ପାର୍କଗୁଡ଼ିକରେ ଶାରୀରିକ ଅଭ୍ୟାସ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ଉପଲବ୍ଧ ରହିବ। ଏପରି କି ଖୋଲା ଜିମ୍ନାସିୟମ, ଜଗିଂ ଟ୍ରାକ୍ ଏବଂ ବର୍ଷାଜଳ ଅମଳ ବ୍ୟବସ୍ଥା ଆଦି ରହିବ।

ବର୍ତ୍ତମାନ ରାଜଧାନୀରେ ୧୨୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ପାର୍କ ରହିଛି। ସେଥିମଧ୍ୟରୁ ୫୭ଟି ବିଡିଏ ଏବଂ ୬୩ଟି ବିଏମ୍ସି ଦ୍ୱାରା ପରିଚାଳିତ ହେଉଛି। ବିଜୁ ପଟ୍ଟନାୟକ ପାର୍କ, ଇନ୍ଦିରା ଗାନ୍ଧୀ ଏବଂ ମଧୁସୂଦନ ଦାସ ଭଳି ୧୦ଟି ବଡ଼ ପାର୍କ ବିଡିଏ ଦ୍ୱାରା ସିଧାସଳଖ ପରିଚାଳିତ ହେଉଥିବାବେଳେ ବିଏମ୍ସି ଛୋଟ ଛୋଟ ପାର୍କର ପରିଚାଳନା କରୁଛି।



ଏପିପି ନିଯୁକ୍ତି ପ୍ରକ୍ରିୟା ନିୟମିତ କରାଯିବା ଦାବିରେ ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର ଆଇନ ବିଭାଗ ଛାତ୍ରମାନେ ବୁଧବାର ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଓକିଲଙ୍କୁ ପୋଲିସର ମାଡ଼ ପ୍ରତିବାଦରେ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଟିଗିରିଆ, ୪।୮( ଡ଼ି. ଏନ୍. ଏ. )**

ସୋରରେ ଆଇନଜୀବୀ ଧୀରେନ୍ଦ୍ର କୁମାର ଦାଶଙ୍କୁ ପୋଲିସର ମାଡ଼ ଓ ଦୁର୍ବ୍ୟବହାର ପ୍ରତିବାଦରେ ବୁଧବାର ଟିଗିରିଆ ଓକିଲ ସଂଘ ତରଫରୁ ବିରୋଧ କରାଯାଇଛି। ସଂଘ ସଭାପତି ମଙ୍ଗଳକୃଷ୍ଣ ଦାଶଙ୍କ ନେତୃତ୍ୱରେ ସମସ୍ତ ଓକିଲ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନ କରିଛନ୍ତି। କାର୍ଯ୍ୟକ୍ରମରେ ଓକିଲ ସଂଘ ସମ୍ପାଦକ ରାଜା ଆଦିତ୍ୟ ପ୍ରସାଦ ମହାନ୍ତି ଓ ଶ୍ରୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍ପିଙ୍କୁ ଭେଟିଲା ରେଲୱେ ଇଞ୍ଜିନିୟର ସଂଘ

**ଭୁବନେଶ୍ୱର,୪।୮**

ପୂର୍ବତଟ ରେଳ ଇଞ୍ଜିନିୟର ସଂଘର ସମସ୍ତ କର୍ମକର୍ତ୍ତାଗଣ ଭୁବନେଶ୍ୱର ଏମ୍ପି ଅପରାଜିତା ଷଡ଼ଙ୍ଗୀଙ୍କୁ ସାକ୍ଷାତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ହେଉଥିବା ଚାକିରି ଅସଙ୍ଗତି ଉପରେ ସଂଘ ଏମ୍ପିଙ୍କ ସହ ଆଲୋଚନା କରିଥିଲେ। ନିରାପତ୍ତା ଦେଖୁ ନ ଥିବା କର୍ମଚାରୀମାନଙ୍କୁ ଅଧିକ ବେତନ ଦେବା ଯୋଗୁ ଇଞ୍ଜିନିୟରମାନେ ହତୋତ୍ସାହ ହୋଇପଡ଼ିଛନ୍ତି ବୋଲି ସଂଘର ସଭାପତି ଇଂ ବବିନ୍ ମହାନ୍ତି ଏମ୍ପିଙ୍କୁ ଅବଗତ କରାଇଥିଲେ। ରେଳ ମନ୍ତ୍ରଣାଳୟ ସମାନ ବେତନ ପାଇଁ ଅର୍ଥ ମନ୍ତ୍ରଣାଳୟକୁ ୨୦୦୯ରୁ ସୁପାରିସ କରିଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ଅନୁମୋଦନ ମିଳିପାରୁନାହିଁ। ଏହା ବ୍ୟତୀତ ଗ୍ରୁପ୍-ସିରେ ଇଞ୍ଜିନିୟରମାନଙ୍କୁ ରଖିବା ଦ୍ୱାରା ସେମାନଙ୍କ ସାମାଜିକ ମର୍ଯ୍ୟାଦା କ୍ଷୁଣ୍ଣ ହେଉଛି ବୋଲି ସଂଘ ଦର୍ଶାଇଥିଲା। ଅନ୍ୟ ମନ୍ତ୍ରଣାଳୟ ପରି ଇଞ୍ଜିନିୟରମାନଙ୍କ ସଂଘକୁ ମାନ୍ୟତା ଦେଲେ ନିରାପତ୍ତା ଦୃଢ଼ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏମ୍ପି ଷଡ଼ଙ୍ଗୀ ଏହାକୁ ଗମ୍ଭୀରତାର ସହ ଗ୍ରହଣକରି ରେଳମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ସହ ଅର୍ଥ ମନ୍ତ୍ରଣାଳୟ ଓ ଡିଓପିଟିକୁ ପତ୍ର ଲେଖି ଏ ସମ୍ପର୍କରେ ଅବଗତ କରାଇବେ ବୋଲି କହିଥିଲେ। ସଂଘ ପକ୍ଷରୁ ଇଂ ଆଇ.ଏ. ଖାନ, ଇଂ ଏସ୍.ବି. ଶତପଥୀ ଓ ଇଂ ଯୋଗେଶ୍ୱର ସାବତଙ୍କ ସମେତ ଏକ ପ୍ରତିନିଧି ଦଳ ଏମ୍ପିଙ୍କୁ ଦେଖା କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବିଶ୍ୱଜିତ୍


@ କାର୍ତ୍ତିକ


@ ସାଗରିକା


@ ରାଜା


@ ପ୍ରକାଶ

# ଅନୈତିକ ସମ୍ପର୍କ ପାଇଁ ବାଧ୍ୟ କରୁଥିଲେ

- ଥାନାରେ ଅଭିଯୋଗ କଲେ ନାବାଳିକା ଝିଅ
- ଅଭିଯୁକ୍ତ ମହିଳାଙ୍କ ସମେତ ୩ ଗିରଫ

**ଭୁବନେଶ୍ୱର,୪।୮(ବ୍ୟୁରୋ)**

ନିଜ ନାବାଳିକା ଝିଅକୁ ପର ପୁରୁଷ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରି ଟଙ୍କା ରୋଜଗାର କରୁଥିଲେ ମା'। ତେବେ ପରବର୍ତ୍ତୀ ସମୟରେ ନାବାଳିକା ଜଣକ ଏଥିରେ ରାଜି ନ ହେବାରୁ ତାଙ୍କୁ ଜୀବନରୁ ମାରିଦେବାକୁ ମା' ଓ ତାଙ୍କ ସହଯୋଗୀ ଧମକ ଦେଉଥିଲେ। ଏଭଳି ସଙ୍ଗିନ ଅଭିଯୋଗ ଆଣି ଭରତପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି ପୀଡ଼ିତା। ତାଙ୍କ ଅଭିଯୋଗ ଭିତ୍ତିରେ ବୁଧବାର ପୋଲିସ ସମ୍ପୃକ୍ତ ମହିଳାଙ୍କ ସମେତ ବରମୁଣ୍ଡାର ଅମିତ ସେଠୀ (୩୨) ଓ ଆଶିଷ କୁମାର(୨୨)ଙ୍କୁ ଗିରଫ କରିଛି। ତେବେ ଏହି ଘଟଣାରେ ଜଡ଼ିତ ଆଉ ଜଣେ ଅଭିଯୁକ୍ତ ଫେରାର ଥିବାବେଳେ ଗିରଫ ୩ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଅଭିଯୋଗ ଅନୁଯାୟୀ, ଭରତପୁର ଥାନା ଅଞ୍ଚଳରେ ୧୫ ବର୍ଷୀୟା ଝିଅ ସହ ମା' ରହୁଥିଲେ। ସ୍ୱାମୀ ସେମାନଙ୍କୁ ଛାଡ଼ି ଅନ୍ୟତ୍ର ରହୁଛନ୍ତି। ଅଧିକ ଟଙ୍କା ରୋଜଗାର ଲୋଭରେ ମହିଳା ଜଣକ ଦେହ ବ୍ୟବସାୟକୁ ଏକ ମାଧ୍ୟମ ଭାବେ ବାଛି ନେଇଥିଲେ। ନିଜେ ପର ପୁରୁଷଙ୍କୁ ଘରକୁ ଡାକି ଶାରୀରିକ ସମ୍ପର୍କ ରଖୁଥିଲେ। ଏପରି କି ତାଙ୍କ ଝିଅ ଯେତେବେଳେ ଷଷ୍ଠଶ୍ରେଣୀରେ ପଢୁଥିଲେ ସେବେଠାରୁ ତାଙ୍କୁ ମଧ୍ୟ ଏହି କାମରେ ଲଗାଉଥିଲେ। ସମ୍ପର୍କ ରଖିବାକୁ ଝିଅ ଅରାଜି ହେଲେ ଜୀବନରୁ ମାରିଦେବାକୁ ଧମକ ଦେଇ ମାଡ଼ ମାରୁଥିଲେ। ଏଭଳି ଦୀର୍ଘ ବର୍ଷ ଧରି ସେ ଓ ତାଙ୍କର କେତେଜଣ ସହଯୋଗୀ କରିଆସୁଥିଲେ। ଅସହାୟ ଭାବେ ନାବାଳିକା ଜଣକ ସବୁ ଅତ୍ୟାଚାର ସହିଯାଉଥିଲେ। ତେବେ ସୋମବାର ନାବାଳିକା ଜଣକ ସାହସ ଜୁଟାଇ ନିଜ ମା'ଙ୍କ ସମେତ ୩ ଯୁବକଙ୍କ ନାମରେ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପୋକ୍ସୋ ଆକ୍ଟ ସହ ଦଫା ୩୭୬, ୩୪୪, ୩୨୩, ୩୦୭, ୩୪ ଆଇପିସିରେ ମାମଲା ନଂ-୨୪୪/୨୧ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ୧୦ବର୍ଷରେ ୧୮ଗୁଣ ବଢ଼ିଛି ଶିଶୁ ନିର୍ଯ୍ୟାତନା

**ଭୁବନେଶ୍ୱର, ୪।୮(ବ୍ୟୁରୋ)**

ଦେଶରେ ଶିଶୁ ନିର୍ଯ୍ୟାତନା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଓଡ଼ିଶାରେ ଗତ ୧୦ବର୍ଷରେ ଶିଶୁ ନିର୍ଯ୍ୟାତନା ୧୮ଗୁଣ ବୃଦ୍ଧି ପାଇଛି। ୨୦୦୯ରେ ୮୭ ଶିଶୁ ନିର୍ଯ୍ୟାତନା ଅଭିଯୋଗ ହୋଇଥିବାବେଳେ ୨୦୧୯ରେ ତାହା ବୃଦ୍ଧି ପାଇ ୧,୬୪୮ରେ ପହଞ୍ଚିଛି। ଦେଶରେ ଶିଶୁ ନିର୍ଯ୍ୟାତନା ବୃଦ୍ଧିର ଚିତ୍ର ସମ୍ପର୍କିତ ତଥ୍ୟ ଲୋକ ସଭାରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ପ୍ରଦାନ କରିବାପରେ ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଦେଶର ହାର ତୁଳନାରେ ଓଡ଼ିଶାରେ



ଶିଶୁ ନିର୍ଯ୍ୟାତନା ଅଧିକ ରହିବାରୁ ସେମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୟାଗଡ଼ରେ ୫ବର୍ଷୀୟା ପରୀ ବଳାତ୍କାର ଓ ହତ୍ୟା ମାମଲା ଅବା ସମ୍ବଲପୁର ବଡ଼ମାଳରେ ନାବାଳିକାଙ୍କୁ ଗଣବଳାତ୍କାର ଭଳି ବହୁ ଘଟଣା ରାଜ୍ୟରେ ଶିଶୁ ନିର୍ଯ୍ୟାତନା ବଢୁଥିବା କଥାକୁ ସୂଚାଉଛି। ଅପରପକ୍ଷରେ ଶିଶୁଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ଶିଶୁ ସୁରକ୍ଷା ଆୟୋଗ ପକ୍ଷରୁ କୁହାଯାଉଛି। ରାଜ୍ୟରେ ମହିଳାଙ୍କ ପାଇଁ ଯେଭଳି ସ୍ୱତନ୍ତ୍ର ଥାନା ପ୍ରତିଷ୍ଠା ହୋଇଛି ସେହିଭଳି ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ଥାନା ପ୍ରତିଷ୍ଠା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଛି। ଯଦି ମୁଖ୍ୟମନ୍ତ୍ରୀ ଏହାକୁ ଅନୁମତି ଦେବେ, ଏହା ଶିଶୁଙ୍କ ଉପରେ ହେଉଥିବା ନିର୍ଯ୍ୟାତନାକୁ ରୋକିବାରେ ସଫଳ ହେବ ବୋଲି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି।

## ଏସ୍ଆଇଙ୍କୁ କାମୁଡ଼ିବା ଘଟଣା

### ଜେଲ ଗଲେ ଅଭିଯୁକ୍ତ ମହିଳା

**ଭୁବନେଶ୍ୱର, ୪।୮ (ବ୍ୟୁରୋ)**

ଲକ୍ଷ୍ମୀସାଗର ଥାନା ଚିନ୍ତାମଣିଶ୍ୱର ଅଞ୍ଚଳରେ ଏକ ଅଭିଯୋଗର ତଦନ୍ତ କରିବାକୁ ଯାଇଥିବା ଏସ୍ଆଇ ପ୍ରିୟଦର୍ଶିନୀ ବେହେରାଙ୍କୁ ଆକ୍ରମଣ କରିଥିବା ସଙ୍ଗୀତା ପଣ୍ଡାଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ମହିଳାଙ୍କ ଘରେ ନୟାଗଡ଼ର ଜଣେ ଯୁବତୀ ଭଡ଼ାରେ ରହୁଛନ୍ତି। ତେବେ କୌଣସି କାରଣକୁ ନେଇ ହଠାତ ତାଙ୍କୁ ଘର ଛାଡ଼ିବାକୁ କହି ମହିଳା ଜଣକ ଗାଳିଗୁଲଜ କରିଥିଲେ। ଏପରିକି ପାଣି ଓ ବିଦ୍ୟୁତ ସଂଯୋଗ କାଟି ଦେଇଥିଲେ। ଏ ନେଇ ଯୁବତୀ ଜଣକ ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ଏସ୍ଆଇ ବେହେରା ପଚରାଉଚରା ପାଇଁ ସମ୍ପୃକ୍ତ ମହିଳାଙ୍କ ଘରକୁ ଯାଇଥିବାବେଳେ ମହିଳା ଜଣକ ଉତ୍କ୍ଷିପ୍ତ ହୋଇ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲେ।

# ବ୍ୟାରେଜ୍ ଡିଜାଇନ ପ୍ରସ୍ତୁତ ପାଇଁ କ୍ଷେତ୍ର ପରିଦର୍ଶନ

**ବାଲିଅନ୍ତା,୪।୮ (ଡି.ଏନ୍.ଏ.)**

ବାଲିଅନ୍ତାସ୍ଥିତ କୁଶଭଦ୍ରା ନଦୀ ଓ ପାଣ୍ଡରା ହାଇଟେକ ହସ୍ପିଟାଲ ନିକଟସ୍ଥ କୁଆଖାଇ ନଦୀରେ ହେବାକୁ ଥିବା ୨ଟି ବ୍ୟାରେଜ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀ ବୁଧବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ, ଡିଜାଇନର ଡାଇରେକ୍ଟର ଓ ଅତିରିକ୍ତ ଡାଇରେକ୍ଟ ସମେତ ୪ଜଣିଆ ଟିମ ବ୍ୟାରେଜର ଆକ୍ସିସ ପଏଣ୍ଟ ସ୍ଥଳକୁ ଆସି ବୁଲି ଦେଖିଛନ୍ତି। ଏହି ଟିମ ଉଭୟ ନଦୀର ଆକ୍ସି ପଏଣ୍ଟକୁ ଗସ୍ତ କରି କ୍ଷେତ୍ରସ୍ଥଳକୁ


କୁଆଖାଇ ନଦୀ ତଟରେ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ଅନୁଧ୍ୟାନ କରିଥିଲେ।

ବାଲିଅନ୍ତା ଜଳସେଚନ ଉପଖଣ୍ଡର ସହକାରୀ ଯନ୍ତ୍ରୀ ଭୀମସେନ ବେହେରା ସମସ୍ତ ଡାଟା ଓ ବ୍ୟାରେଜ ମ୍ୟାପକୁ ଡିଜାଇନ ଟିମ୍‌ର ସଦସ୍ୟମାନଙ୍କୁ ଦେଖାଇବା ସହ ଲାଇନ ପଏଣ୍ଟକୁ ନେଇ ଏ ସମ୍ପର୍କରେ ବୁଝାଇଥିଲେ। ଏହି ସମୟରେ ସହକାରୀ ଯନ୍ତ୍ରୀ ସିଦ୍ଧାନ୍ତ ଷଡ଼ଙ୍ଗୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଡେଟିଂ ମାଧ୍ୟମ ପରିବର୍ତ୍ତନ କରିଛି କରୋନା

**ଭୁବନେଶ୍ୱର,୪।୮(ବ୍ୟୁରୋ)**

କରୋନାର ଦ୍ୱିତୀୟ ଲହର କିଭଳି ସିଙ୍ଗଲ୍ ବା ଏକା ଥିବା ଭାରତୀୟଙ୍କ ପାଇଁ ଡେଟିଂର ମାଧ୍ୟମକୁ ପରିବର୍ତ୍ତନ କରିଛି ସେ ସମ୍ପର୍କରେ ପ୍ରଥମ ମହିଳା-କୈନ୍ଦ୍ରିକ ଡେଟିଂ ଆପ୍ ଓ ସୋସିଆଲ ନେଟ୍‌ୱର୍କିଂ ପ୍ଲାଟ୍‌ଫର୍ମ, ବମ୍ବଲ୍ ପକ୍ଷରୁ ନିକଟରେ ଏକ ସର୍ଭେ କରାଯାଇଛି।



ଯେଉଁଥିରେ ପ୍ରାୟ ୫୪% ସିଙ୍ଗଲ୍ ଭାରତୀୟ ଦାବି କରିଛନ୍ତି ଯେ, କୋଭିଡ-୧୯ ସମୟରେ ଡେଟିଂର ଉଦ୍ଦେଶ୍ୟ ଓ ଆଶା ଉପରେ ଏକ ସ୍ୱଷ୍ଟ ଯୋଗାଯୋଗ ବୃଦ୍ଧି ପାଇଛି। ୪୮% ସିଙ୍ଗଲ୍ ଭାରତୀୟ ଦାବି କରିଛନ୍ତି, କୋଭିଡ୍-୧୯ ସମୟରେ ଡେଟିଂରେ ଜଣେ ବ୍ୟକ୍ତିଙ୍କ ଲୁକ୍ ବ୍ୟତୀତ ତାଙ୍କର ବ୍ୟକ୍ତିତ୍ୱ ଉପରେ ଗୁରୁତ୍ୱ ବୃଦ୍ଧି ପାଇଛି। ୭୨% ସିଙ୍ଗଲ୍ ଭାରତୀୟଙ୍କ ମତରେ ଏବେ ସେମାନେ ଅନ୍‌ଲାଇନ୍‌ରେ ଭେଟିଥିବା ବ୍ୟକ୍ତିଙ୍କୁ

**ବମ୍ବଲ ସର୍ଭେ**

ବ୍ୟକ୍ତିଗତ ରୂପେ ଭେଟିବା ପୂର୍ବରୁ ତାଙ୍କ ସହିତ ସମ୍ପର୍କ ରଖିବା ପାଇଁ ଭର୍ଚୁଆଲ ଡେଟ୍‌ଗୁଡ଼ିକୁ ଏକ ସୁରକ୍ଷିତ ମାଧ୍ୟମ ଭାବୁଛନ୍ତି। ୩୯% ଲୋକ ୨୦୨୧ରେ ନିଜର ପ୍ରଥମ ଡେଟ୍ ଭାବେ ଏକ ଭିଡିଓ ଡେଟ୍ ପାଇଁ ଚେଷ୍ଟା କରିଛନ୍ତି। ସର୍ଭେରେ ସାମିଲ ୩୮% ଡେଟର୍ କହିଛନ୍ତି ସେମାନେ କୋଭିଡ୍ ଟିକା ନେଇ ନ ଥିବା ବ୍ୟକ୍ତିଙ୍କ ସହ ଡେଟ୍‌ରେ ଯିବେ ନାହିଁ କିମ୍ବା ତାଙ୍କ ସହ ଯୌନ ସମ୍ପର୍କ ରଖିବେ ନାହିଁ। ଏସମ୍ପର୍କରେ ବମ୍ବଲ୍ ଇଣ୍ଡିଆର କମ୍ୟୁନିକେଶନ୍ସ ଡାଇରେକ୍ଟର ସର୍ମପିତା ସମାଦ୍ଦାର କହିଛନ୍ତି, ସିଙ୍ଗଲ୍ ଭାରତୀୟମାନେ ଡେଟିଂର ନୂଆ ଦୁନିଆକୁ ନାଭିଗେଟ୍ କରୁଥିବାରୁ ମହାମାରୀ ଆମର ଡେଟିଂ ପସନ୍ଦ ଓ ବ୍ୟବହାରରେ ଠିକ୍ ପରିବର୍ତ୍ତନ ଆଣିଛି। ଆମର ସାମ୍ପ୍ରତିକ ଅନୁସନ୍ଧାନରୁ ଜଣାପଡିଛି ଯେ, ଭାରତରେ ସିଙ୍ଗଲ୍ ଲୋକମାନେ ନିଜର ଡେଟିଂ ନିଷ୍ପତ୍ତି ସହିତ ଏବେ ପୂର୍ବାପେକ୍ଷା ଅଧିକ ଉଦ୍ଦେଶ୍ୟମୂଳକ ହୋଇଛନ୍ତି ଏବଂ ଭାରତରେ ଟିକାକରଣ ବୃଦ୍ଧି ପାଇଥିବାରୁ ସେମାନେ ସୁରକ୍ଷା ଓ ସୁସଙ୍ଗତାକୁ ପ୍ରାଥମିକତା ଦେଉଛନ୍ତି।

## ଟ୍ରକ୍ ଧକ୍କାରେ ଜଗୁଆଳିଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି, (ସ୍ୱ.ପ୍ର): ନିଶ୍ଚିନ୍ତକୋଇଲି ଥାନା କଟିକଟା ବଜାରରେ ସୁକରପଡା ଡାକ ବଙ୍ଗଳାରେ କାର୍ଯ୍ୟରତ ରାତ୍ର ଜଗୁଆଳିଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ସୂର୍ଯ୍ୟମଣି ମଲ୍ଲିକ। ସେ ଡାକବଙ୍ଗଳାରେ କାମ ସାରି କଟିକଟା ଯାଉଥିଲେ। ଏହି ସମୟରେ କେନ୍ଦ୍ରାପଡାରୁ କଟକ ଅଭିମୁଖେ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସୂର୍ଯ୍ୟମଣିଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି।

## ସଂକ୍ଷେପରେ

### ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା**

କଟକ ଅଫିସ, ୪।୮:ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାରେ ମିଥ୍ୟା କେସ୍ କରି ବୀମା କମ୍ପାନୀଠାରୁ ଟଙ୍କା ହଡପ ଉଦ୍ୟମ କରାଯାଇଛି। ତେଣୁ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କଟକ ଯୁଗ୍ମ ଶ୍ରମ କମିଶନରଙ୍କ ନିକଟରେ ଦାଖଲ କରାଯାଇଥିବା ବୀମା ଟଙ୍କା ଫେରସ୍ତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ବିଶ୍ୱନାଥ ରଥ ଏହାର ଶୁଣାଣି କରିଛନ୍ତି। ପିପିଲି ଅଞ୍ଚଳର ରତ୍ନକାର ସ୍ୱାଇଁଙ୍କର ଟ୍ରାକ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ତେଣୁ ଦୁର୍ଘଟଣାଜନିତ କ୍ଷତିପୂରଣ ପାଇବା ପାଇଁ ତାଙ୍କ ସ୍ତ୍ରୀ ରଶ୍ମିତା ସ୍ୱାଇଁ କଟକ ଶ୍ରମ କମିଶନର ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଶ୍ରମ କମିଶନରଙ୍କ ଅଦାଲତ ଓରିଏଣ୍ଟାଲ ବୀମା କମ୍ପାନୀକୁ କ୍ଷତିପୂରଣ ବାବଦ ୧୧ ଲକ୍ଷ ୨୯ ହଜାର ୨୯୬ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜକରି ବୀମା କମ୍ପାନୀ ହାଇକୋର୍ଟରେ ଅପିଲ କରିଥିଲେ। ଏହାର ତଦନ୍ତ କରିବା ପାଇଁ ହାଇକୋର୍ଟ ୨୦୨୦ ଫେବୃୟାରୀ ୨୬ରେ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିଲେ। କ୍ରାଇମବ୍ରାଞ୍ଚ ତଦନ୍ତ କରି ହାଇକୋର୍ଟରେ ରିପୋର୍ଟ ଦାଖଲ କରିଥିଲା। ମିଥ୍ୟା କାଗଜପତ୍ର ଦାଖଲ କରି ଟଙ୍କା ହଡପ କରାଯାଇଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା।

### ୧୦ ଦିନରେ ୨ ନିଖୋଜ

କଟକ ଅଫିସ,୪।୮: କଟକ କ୍ୟାଣ୍ଟନମେଣ୍ଟ ଓ ମାଲଗୋଦାମ ଥାନା ଅଞ୍ଚଳରୁ ଗତ ୧୦ ଦିନ ମଧ୍ୟରେ ୨ ଜଣ ନିଖୋଜ ହୋଇଯାଇଛନ୍ତି। ଏ ନେଇ ଉଭୟ ଥାନାରେ ଏତଲା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଖ୍ରୀଷ୍ଟ କଲେଜ ଯୁକ୍ତ ୩ ଛାତ୍ର ତୁଷାରକାନ୍ତ ସାହୁ(୨୦) ମଙ୍ଗଳବାର ରାତିରୁ ନିଖୋଜ ଅଛନ୍ତି। ସେ ସ୍କୁଟି ନେଇ ଘରୁ ଆସିବା ପରେ ଆଉ ଫେରି ନାହାନ୍ତି। ତାଙ୍କ ବାପା ହୃଷୀକେଶ ସାହୁ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିଛନ୍ତି। ତୁଷାର ଆଣିଥିବା ସ୍କୁଟି ବୁଧବାର ସ୍ଥାନୀୟ ମଧୁସୂଦନ ସେତୁ ଉପରୁ ମିଳିଛି। ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ସେଠାରେ ଖୋଜାଖୋଜି କରାଯାଇଥିଲା। ଖବର ଲେଖାହେବାବେଳକୁ ତାଙ୍କ ପତ୍ତା ମିଳିପାରିନାହିଁ। ତୁଷାରଙ୍କର ୫ଜଣ ସାଙ୍ଗଙ୍କ ସହ ଝଗଡା ହୋଇଥିବା ହୃଷୀକେଶ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ସେମାନଙ୍କୁ ପଚରାଉଚୁରା ଚଳାଇଛି। ସେହିପରି ଯୋବ୍ରା ରହିମ ଛକର ସେକ୍ ସୋହେଲ(୧୬) ଗତ ୨୬ ତାରିଖରୁ ନିଖୋଜ ହୋଇଯାଇଛନ୍ତି। ଏ ନେଇ ତାଙ୍କ ମାମୁଁ ସେକ୍ ଫାରୁକ ଅଲୀ ମାଲଗୋଦାମ ଥାନାରେ ଅଭିଯୋଗ କରିଛନ୍ତି। ନିଖୋଜ ପୂର୍ବରୁ ସୋହେଲ କଳାରଙ୍ଗର ଟ୍ରାକ ପ୍ୟାଣ୍ଟ, ଗୋଲାପୀ ରଙ୍ଗର ପଞ୍ଜାବୀ ଓ ମୁଣ୍ଡରେ ଟୋପି ପିନ୍ଧିଥିଲେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଏନେଇ ମାଲଗୋଦାମ ପୋଲିସ ଏକ ମାମଲା ରୁଜୁ କରି ଖୋଜାଖୋଜି ଚଳାଇଛି।

# ପୋଖରୀ ପୁନରୁଦ୍ଧାର ନାମରେ ଅର୍ଥ ଆତ୍ମସାତ୍

- ଥାନାରେ ଜିଆର୍ଏସ୍ ଅଟକ
- ବିଡିଓ ,କନିଷ୍ଠଯନ୍ତ୍ରୀ ଓ ତତ୍କାଳୀନ ପିଇଓଙ୍କୁ ଜେରା

ମାହାଙ୍ଗା,୪।୮(ସ୍ୱ.ପ୍ର.)

ମାହାଙ୍ଗା ଥାନା ପୋଡାମରାଇ ପଞ୍ଚାୟତ ଅନ୍ତର୍ଗତ ସିନ୍ଧୁପୁର ଗ୍ରାମରେ ଏମ୍ଜିଏନ୍ଆରଇଜିଏସ୍‌ରେ ପୋଖରୀ ପୁନରୁଦ୍ଧାର ନାମରେ ମିଥ୍ୟା ବିଲ୍ କରି ଅର୍ଥ ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ବିଡିଓଙ୍କ ଏତଲାକ୍ରମେ ବ୍ଲକର ଜଣେ ଜିଆର୍ଏସ୍‌ଙ୍କୁ ପୋଲିସ ଅଟକ ରଖି ପଚାରଉଚୁରା କରୁଛି। ପୋଡାମରାଇ ପଞ୍ଚାୟତସ୍ଥିତ ସିନ୍ଧୁପୁର ଧୋବା ପୋଖରୀ ଦୀର୍ଘ ବର୍ଷ ଧରି ଦଳଭର୍ତ୍ତି ହୋଇ ରହିଛି। ଏଠାରେ କୌଣସି କାମ ହୋଇ ନ ଥିବା ବେଳେ ପୁନରୁଦ୍ଧାର ନାମରେ ବିଲ୍ କରାଯାଇଛି। ଅନ୍‌ଲାଇନ ମାଧ୍ୟମରେ ମିଳିଥିବା ସୂଚନା ଅନୁଯାୟୀ, ପୋଖରୀର ପୁନରୁଦ୍ଧାର ପାଇଁ ଏମ୍ଜିଏନ୍ଆରଇଜିଏସ୍‌ରେ ୨,୭୫,୧୦୩ ଟଙ୍କା ଖର୍ଚ୍ଚ ହୋଇଛି । ଏଥିରେ ବହୁ ସଂଖ୍ୟାରେ ଜବ୍ କାର୍ଡଧାରୀ କାମ କରିଥିବା ଦର୍ଶାଯାଇଛି। ଏହି କାମ ପାଇଁ ବର୍ଷେ ପୂର୍ବରୁ ବିଲ୍ ହୋଇଥିବାବେଳେ ଜଣେ ବୃଦ୍ଧ ଶ୍ରମିକ ଏହି ଯୋଜନାରେ ୨ ମାସ ହେବ କାମ କରିଥିବା ଗଣମାଧ୍ୟମ ଆଗରେ କହିଛନ୍ତି। ତେବେ ଉକ୍ତ ପୋଖରୀରେ କୌଣସି କାମ ହୋଇନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଏବିଷୟରେ ମାହାଙ୍ଗା ବିଡିଓ ନିହାର ରଞ୍ଜନ ମଲିକଙ୍କୁ ପଚରାଯିବାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହି ତରବରିଆ ଭାବେ ଥାନାରେ ସମ୍ପୃକ୍ତ ଜିଆରଏସ୍‌ଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ସରପଞ୍ଚଙ୍କ ବିନା ସ୍ୱୀକୃତିରେ ଅର୍ଥ କିପରି ଉଠିଲା ଏବଂ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ କିପରି କାର୍ଯ୍ୟ ନ ହୋଇ ବିଲ୍ ପାସ୍ କଲେ ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟ ପଦାକୁ ଆସିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ବିଷୟକୁ ନେଇ ମାହାଙ୍ଗା ବିଡିଓ ମଲିକ, କନିଷ୍ଠଯନ୍ତ୍ରୀ ସୁବାଷ ଜେନା ଓ ତତ୍କାଳୀନ ପିଇଓ ମହମ୍ମଦ ହୁସେନଙ୍କୁ ପୋଲିସ ସନ୍ଧ୍ୟାରେ ଜେରା କରିଛି। ଅପରପକ୍ଷେ ଥାନାରେ ଅଟକ ଥିବା ଜିଆରଏସଙ୍କୁ ଫସାଇ ଦିଆଯାଇଛି ବୋଲି ତାଙ୍କ ବଡ ଭାଇ ଗଣମାଧ୍ୟମ ଆଗରେ ସୂଚନା ଦେଇଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି।

# ସହରରେ ପରିମଳ, ଡେଙ୍ଗୁ ନିୟନ୍ତ୍ରଣ ଦାବିରେ ବିକ୍ଷୋଭ



କଟକ ନଗର କଂଗ୍ରେସ କମିଟି ପକ୍ଷରୁ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

କଟକ ଅଫିସ, ୪।୮

ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା, ନିୟମିତ ରାସ୍ତାଘାଟ ସଫେଇ, ଡେଙ୍ଗୁ ବାହାକ ଏଡିସ୍ ମଶା ନିରାକରଣ ପାଇଁ ତୁରନ୍ତ ପଦକ୍ଷେପ ନେବା ଦାବିରେ କଟକ ନଗର କଂଗ୍ରେସ କମିଟି ପକ୍ଷରୁ ବୁଧବାର କଟକ ମହାନଗର ନିଗମ(ସିଏମ୍‌ସି) ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସହରର ନାଳଗୁଡିକରୁ ପଙ୍କୋଦ୍ଧାର କରିବା, ବୁସ୍ କଟିଂ, ସହରବାସୀଙ୍କୁ ମଶା ଦାଉରୁ ରକ୍ଷାକରିବା, ବିଭିନ୍ନ ୱାର୍ଡରେ ମଶାଧୂଆଁ ଛାଡିବା ବ୍ୟବସ୍ଥା କରିବା ପାଇଁ କର୍ମୀମାନେ ଦାବି କରିଥିଲେ। ପରେ କଂଗ୍ରେସର ଏକ ପ୍ରତିନିଧି ଦଳ ସିଏମ୍‌ସି କାର୍ଯ୍ୟାଳୟକୁ ଧସେଇ ପଶିଥିଲେ। ସେଠାରେ ସିଏମ୍‌ସିର ଯୁଗ୍ମ ସମ୍ପାଦକ ମନୋରଞ୍ଜନ ମହାପାତ୍ର ଓ ନଗର ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ କମିଶନରଙ୍କ ଉଦ୍ଦେଶ୍ୟରେ ଯୁଗ୍ମ ସମ୍ପାଦକ ମହାପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ମହିଳା ସଭାନେତ୍ରୀ ଶୈଳବାଳା ଜେନା, ନିକୁଞ୍ଜ ପଶାୟତ, ସୁବାଶିଷ ପଟ୍ଟନାୟକ, ସୁରଜିତ୍ ସାହୁ, ମାନସ ପରିଡା, କିରଣବାଳା ମହାନ୍ତି, ଦେବୀ ପ୍ରସନ୍ନ ମହାପାତ୍ର, ରଶ୍ମିରଞ୍ଜନ ମିଶ୍ର, କମଲେଶ ସାଗର, ନମିତା ମଞ୍ଜରୀ ସାହୁଙ୍କ ସମେତ ବହୁ ସଂଖ୍ୟକ କର୍ମୀ ସାମିଲ ହୋଇଥିଲେ।

# ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ବିକ୍ଷୋଭ

**ରେଗୁଲାର ଛାତ୍ରୀଛାତ୍ରଙ୍କୁ ଏକ୍ସ-ରେଗୁଲାର ପ୍ରଶ୍ନପତ୍ର ଦେବା ଘଟଣା**

- ଗଣଶିକ୍ଷା ମନ୍ତ୍ରୀ,ବୋର୍ଡ ସଭାପତିଙ୍କ କୁଶପୁତ୍ତଳିକା ଦାହ

କଟକ ଅଫିସ,୪।୮


ବୋର୍ଡ ଅଫିସ ସମ୍ମୁଖରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ।

କଟକ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲରେ ମଙ୍ଗଳବାର ମାଟ୍ରିକ ଅଫଲାଇନ୍ ପରୀକ୍ଷା ବେଳେ ରେଗୁଲାର ପରୀକ୍ଷାର୍ଥୀଙ୍କୁ ୨୦୧୪ର ଏକ୍ସ-ରେଗୁଲାର ପ୍ରଶ୍ନପତ୍ର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କୁ ରେଗୁଲାର ପ୍ରଶ୍ନପତ୍ର ଦିଆଯିବାରୁ ବିଭ୍ରାଟ ସୃଷ୍ଟି ହୋଇଥିଲା। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ବୋର୍ଡ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ବୁଧବାର କଟକ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ବିକ୍ଷୋଭକାରୀମାନେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ବୋର୍ଡ ସଭାପତି ରାମାଶିଷ ହାଜରାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ବିକ୍ଷୋଭରେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ଡ. ବିପ୍ଳବ ଶିଳାଦିତ୍ୟ, ଜିଲା ଛାତ୍ର କଂଗ୍ରେସ ସଭାପତି ଦୀପକ ମହାନ୍ତି, ଆଶୁତୋଷ ରାଉତ, ଜିଲା କଂଗ୍ରେସ କମିଟି ଉପସଭାପତି ମନୋଜ ବିଶ୍ୱାଳ, ସାଧାରଣ ସମ୍ପାଦକ ଶିଶିର ରଥ, ସମ୍ପାଦକ ସଦାଶିବ ବାରିକ ଓ ସଚ୍ଚିଦାନନ୍ଦ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

# ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ

**ଦୀର୍ଘଦିନ ଦାବି ପୂରଣ ହେଲାନି**

କଟକ ଅଫିସ, ୪।୮

ଦୀର୍ଘଦିନର ଦାବି ପୂରଣ ନ ହେବାରୁ ଏସ୍‌ସିବି ମେଡିକାଲ ଛାତ୍ର ସଂଘ ପକ୍ଷରୁ ବୁଧବାର ମେଡିକାଲ ପରିସରସ୍ଥ ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। କାର୍ଯ୍ୟାଳୟ ଫାଟକରେ ଛାତ୍ରମାନେ ତାଲା ପକାଇବାକୁ ଉଦ୍ୟମ କରିଥିଲେ। ସେଠାରେ କନିଷ୍ଠଯନ୍ତ୍ରୀଙ୍କ ସହ ଯୁକ୍ତିତର୍କ ହେବାରୁ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ବିଭାଗୀୟ ଏସ୍‌ଡିଓ ସୌମେନ ସାହୁ ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରମାନଙ୍କୁ ବୁଝାଶୁଝା କରିବା ସହ ସେମାନଙ୍କ ଦାବି ମାନି ନେଇଥିଲେ। ଏ ନେଇ ସଂଘ ସଭାପତି ବିଶ୍ୱଜିତ୍ ମଲ୍ଲିକ କହିଛନ୍ତି, ଓଲ୍ଡ ଜେଣ୍ଟସ ହଷ୍ଟେଲରେ ବିଭିନ୍ନ ସମୟରେ ବିଦ୍ୟୁତ୍ ସମସ୍ୟା ଦେଖାଦେଇଥାଏ। ଛୋଟ ସମସ୍ୟା ବିଭାଗ ପକ୍ଷରୁ ସମାଧାନ କରାଯାଉଥିବାବେଳେ ବଡ ସମସ୍ୟା ସମାଧାନ କରାଯାଉନାହିଁ। ଉକ୍ତ ହଷ୍ଟେଲର ଷ୍ଟଡିରୁମ୍ ଓ ସଂଘ କକ୍ଷରେ ବହୁ ଦିନରୁ ଏସି ଖରାପ ହୋଇଯାଇଛି । ଏନେଇ ଛାତ୍ର ସଂଘ ପକ୍ଷରୁ ଗତ ଏପ୍ରିଲ ୩୦ ତାରିଖରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ହେଲେ କୌଣସି ସୁଫଳ ନ ମିଳିବାରୁ ଛାତ୍ରମାନେ ଘେରାଉ କରିଥିଲେ।

# ଆଜିଠୁ ସହରରେ ଧର୍ମାନୁଷ୍ଠାନ ଖୋଲିବ

- ସାମାଜିକ ଦୂରତା, ମାସ୍କ ବ୍ୟବହାର ବାଧ୍ୟତାମୂଳକ
- କୋଭିଡ୍ କଟକଣାରେ ପ୍ରବେଶ ଅନୁମତି
- କୋଭିଡ୍ କଟକଣାରେ ପ୍ରବେଶ ଅନୁମତି

କଟକ ଅଫିସ,୪।୮

କୋଭିଡ୍ ମହାମାରୀ ଯୋଗୁ ଦୀର୍ଘଦିନ ଧରି ବନ୍ଦ ରହିଥିବା କଟକ ସହରର ସମସ୍ତ ଧର୍ମାନୁଷ୍ଠାନ ଗୁରୁବାରଠାରୁ ଖୋଲିବ। ଏ ନେଇ କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ବୁଧବାର କଟକ ମହାନଗର ଶାନ୍ତି କମିଟି ଓ ପୂର୍ବାଞ୍ଚଳ ଶାନ୍ତି କମିଟି କର୍ମକର୍ତ୍ତାମାନଙ୍କୁ ଡାକି ଏକ ବୈଠକ କରିଥିଲେ। ଏଥିରେ କୋଭିଡ୍ କଟକଣା ମଧ୍ୟରେ ଧର୍ମାନୁଷ୍ଠାନ ଖୋଲିବା ନେଇ ପ୍ରସ୍ତାବ ଦିଆଯାଇଥିଲା । ଏହାପରେ ସିଏମ୍‌ସି ପକ୍ଷରୁ ଧର୍ମାନୁଷ୍ଠାନ ଖୋଲିବା ନେଇ ବିଜ୍ଞପ୍ତି ଜାରି କରାଯାଇଛି। ସକାଳ ୬ଟାରୁ ରାତି ୮ ପର୍ଯ୍ୟନ୍ତ ଧର୍ମାନୁଷ୍ଠାନ ଖୋଲା ରହିବ। ଏଥିସହ ସପ୍ତାହାନ୍ତ ଶଟ୍‌ଡାଉନରେ ସମସ୍ତ ଧର୍ମାନୁଷ୍ଠାନ ବନ୍ଦ ରହିବ ଓ ଏହି ସମୟରେ କେବଳ ନୀତିକାନ୍ତି ପାଇଁ ପୂଜକମାନେ ମନ୍ଦିର ମଧ୍ୟକୁ ଯାଇପାରିବେ। ଧର୍ମାନୁଷ୍ଠାନରେ ପ୍ରସାଦ ସେବନ ବାରଣ ରହିଥିବାବେଳେ ସାମାଜିକ ଦୂରତା ରକ୍ଷା କରିବା ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ସେହିପରି ଏକକାଳୀନ ୫୦ ଜଣ ଭକ୍ତ ପ୍ରବେଶ ପାଇଁ ଅନୁମତି ରହିଛି। କୋଭିଡ୍ କଟକଣା ମାନିବାକୁ ଧର୍ମାନୁଷ୍ଠାନ ପକ୍ଷରୁ ଫାଟକରେ ବୋର୍ଡ ଲଗାଯିବ। ସେହିପରି ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି, ଗର୍ଭବତୀ ମହିଳା ଏବଂ ୧୦ ବର୍ଷରୁ କମ୍ ବୟସର ପିଲାଙ୍କୁ ମନ୍ଦିର ଯିବାକୁ ବାରଣ କରାଯାଇଛି। ନିୟମ ଉଲ୍ଲଂଘନ କଲେ ଦଣ୍ଡିତ କରାଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।


ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ ବୁଧବାର ଖୋଲିବା ପରେ ବୁଲିବାକୁ ଆସିଥିବା ଦୁଇଜଣ ଯୁବତୀ ସେଲ୍‌ଫି ନେଉଛନ୍ତି।

# ଅନିତା ବେହେରା ଜିଲା ବିଜୁ ମହିଳା ଜନତା ଦଳର ସଭାପତି

କଟକ ଅଫିସ, ୪।୮

ପୂର୍ବତନ ମେୟର ଅନିତା ବେହେରାଙ୍କୁ କଟକ ଜିଲା ବିଜୁ ମହିଳା ଜନତା ଦଳର ସଭାପତିଭାବେ ମନୋନୀତ କରାଯାଇଛି। ସେ କଟକ ମହାନଗର ନିଗମର ମେୟର ଥିଲେ। ଦୀର୍ଘବର୍ଷ ଧରି ବିଜେଡିର ସାଂଗଠନିକ କ୍ଷେତ୍ରରେ ସେ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଇ ଆସିଛନ୍ତି। ଏହି ନିଯୁକ୍ତି ପାଇଁ ଅନିତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ମହିଳା ସଭାପତି ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ନିଯୁକ୍ତି କ୍ଷେତ୍ରରେ ହୋଇଥିବା ମହାଦୁର୍ନୀତିର ସିବିଆଇ ତଦନ୍ତ ଦାବିରେ ବୁଧବାର ଭାଜପା ଯୁବମୋର୍ଚ୍ଚା କଟକ ନଗର ପକ୍ଷରୁ ସ୍ଥାନୀୟ ଗୌରୀଶଙ୍କର ପାର୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତଭଣ୍ଡାର କାର୍ଯ୍ୟ ତ୍ୱରାନ୍ୱିତ ନିର୍ଦ୍ଦେଶ

କଟକ ଅଫିସ, ୪।୮

କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତଭଣ୍ଡାର ଗୃହ ନିର୍ମାଣ ନିମନ୍ତେ ଉପଯୁକ୍ତ ସ୍ଥାନ ନିରୂପଣ ଏବଂ ଏହାକୁ ଅସ୍ଥାୟୀ ଭାବେ ସ୍ଥାନାନ୍ତର କରି କାର୍ଯ୍ୟକ୍ଷମ କରିବା ନିମନ୍ତେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ ଅଧ୍ୟକ୍ଷତା କରି ଯଥାଶୀଘ୍ର ଉକ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରିଆ, ଅତିରିକ୍ତ ସଚିବ ବିବେକାନନ୍ଦ ସାହୁ, ଅବୈତନିକ କେନ୍ଦ୍ର ରେଡ୍‌କ୍ରସ ସମିତି ଓଡ଼ିଶା ଶାଖା ସମ୍ପାଦକ ସି.ଟି.ଏମ୍. ସୁଗୁଣା, ଏସ୍‌ସିବି ମେଡିକାଲ ଅଧ୍ୟକ୍ଷ ଡା. ଦଣ୍ଡେଶ୍ୱର ହୋତା ଓ ପ୍ରଫେସର ଜୟନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ।

# ‘ଅଲ୍ ଇଣ୍ଡିଆ ଓଟିପି ଗ୍ରୁପ୍’କୁ ନେଇ ଛାନ୍‌ଭିନ

**ସିମ୍‌କାର୍ଡରେ ସାଇବର ଠକେଇ ଘଟଣା**

ଭୁବନେଶ୍ୱର,୪।୮(ବ୍ୟୁରୋ)

ପ୍ରି-ଆକ୍ଟିଭେଟେଡ୍ ସିମ୍‌ରେ ସାଇବର ଠକେଇ ନେଇ ୭ଜଣ ଗିରଫ ଘଟଣାରେ କମିଶନରେଟ୍ ପୋଲିସକୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଘଟଣାର ଅଧିକ ତଦନ୍ତ ପାଇଁ ଶହୀଦନଗର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ୩ଜଣଙ୍କୁ ସୋମବାରଠାରୁ ଦୁଇଦିନିଆ ରିମାଣ୍ଡରେ ଆଣିଥିଲା। ଏହି ସମୟରେ ସେମାନଙ୍କୁ ଜେରା ସମୟରେ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ଅଭିଯୁକ୍ତଙ୍କ କହିବାନୁସାରେ ‘ଅଲ୍ ଇଣ୍ଡିଆ ଓଟିପି ଗ୍ରୁପ୍’ ନାମରେ ଏକ ହ୍ୱାଟସ୍‌ଆପ ଗ୍ରୁପ ରହିଛି। ଦେଶର ବିଭିନ୍ନ ରାଜ୍ୟର ସାଇବର ଠକମାନେ ଏହି ହ୍ୱାଟସ୍‌ଆପ ଗ୍ରୁପରେ ରହିଛନ୍ତି। ଏହି ଗ୍ରୁପ୍‌ରେ ସେମାନେ ଓଟିପି ସେୟାର କରି ପ୍ରି-ଆକ୍ଟିଭେଟେଡ ସିମ୍ ନେଉଥିଲେ ବୋଲି ଅଭିଯୁକ୍ତମାନେ ପୋଲିସ ସମ୍ମୁଖରେ କହିଛନ୍ତି। ଏଭଳି ତଥ୍ୟ ପାଇବା ପରେ କମିଶନରେଟ୍ ପୋଲିସ ପକ୍ଷରୁ ଏବେ ଅଧିକ ତନାଘନା ଆରମ୍ଭ ହୋଇଛି ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି। ସେ ଆହୁରି କହିଛନ୍ତି, ସାଇବର ଠକଙ୍କ ତଦନ୍ତରେ ବ୍ୟାପକ ପରିସୀମା ରହିଛି। ଏହା ଏକ ଆନ୍ତଃରାଜ୍ୟ ଠକେଇ ଗ୍ୟାଙ୍ଗ। ୧୭ ହଜାର ସିମ୍‌କାର୍ଡ କେଉଁଠାରୁ ଆସିଥିଲା, କେଉଁମାନଙ୍କୁ ଏହି ସାଇବର ଠକମାନେ ଠକିଛନ୍ତି, ଏହି ଗ୍ୟାଙ୍ଗରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ନେଇ କମିଶନରେଟ ପୋଲିସ ଅଧିକ ଖୋଳତାଡ଼ କରୁଛି।

ସୂଚନାଯୋଗ୍ୟ, ଗତ ଜୁନ ୨୯ରେ କମିଶନରେଟ୍ ପୋଲିସ ୭ସାଇବର ଠକଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଭଦ୍ରକର ମହେଶ୍ୱର ବାରିକ, ଶ୍ରୀନିବାସ ଘଡେଇ, ରାଜେଶ କୁମାର ସେଠୀ, ବାଲେଶ୍ୱରର ରଜନୀକାନ୍ତ ପାଣିଗ୍ରାହୀ,ମଙ୍ଗଳମୟ ମିଶ୍ର, କେନ୍ଦୁଝରର ସୁବ୍ରତ କୁମାର ପାଣିଗ୍ରାହୀ ଓ ସୁକାନ୍ତ କୁମାର ଦାଶ। ଏମାନଙ୍କ ମଧ୍ୟରୁ ୨ଜଣ ଟେଲିକମ୍ କର୍ମଚାରୀ ଓ ୩ଜଣ ଇଞ୍ଜିନିୟର ଛାତ୍ର। ସେମାନଙ୍କ ନିକଟରୁ ୧୭ହଜାର ସିମ୍ ସମେତ ୧୫୦ ମୋବାଇଲ୍ ଫୋନ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ନକଲି କାଗଜପତ୍ର ବ୍ୟବହାର କରି ରାଜ୍ୟ ତଥା ରାଜ୍ୟ ବାହାରର ସାଇବର ଠକମାନଙ୍କୁ ସିମ୍ ଯୋଗାଉଥିଲେ। ବଦଳରେ ସେମାନଙ୍କ ନିକଟରୁ ମୋଟା ଅଙ୍କର ଟଙ୍କା ନେଉଥିଲେ।

# ଲୁଟେରା ଗ୍ୟାଙ୍ଗ ଠାବ : ୧୧ ଗିରଫ

**ସୁନା ଅଳଙ୍କାର, ୨୨ ମୋବାଇଲ, ବାଇକ୍ ଜବତ**

କଟକ ଅଫିସ,୪।୮


ଗିରଫ ଅଭିଯୁକ୍ତ। ଜବତ ମୋବାଇଲ ଓ ଅଳଙ୍କାର।

କମିଶନରେଟ୍ ପୋଲିସ ଲୁଟେରା ଗ୍ୟାଙ୍ଗକୁ ଠାବ କରିଛି। ଏହି ଘଟଣାରେ କଟକ ଚାଉଳିଆଗଞ୍ଜ ପୋଲିସ ୪ ଜଣ ଓ ଚୌଦ୍ୱାର ପୋଲିସ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବୁଧବାର କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି।

ମଧୁପାଟଣା ଥାନା ଶ୍ରୀରାମ ଲେନ୍‌ର ଗଜେନ୍ଦ୍ର ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ ଏକ ବାଇକ୍‌ରେ ଗତ ଜୁଲାଇ ୧୯ ତାରିଖରେ ଜଗତ୍‌ସିଂହପୁରରୁ ଘରକୁ ଫେରୁଥିଲେ। ଗତିରାଉତପାଟଣା ସିଲ୍‌ଭରସିଟି ମଣ୍ଡପ ନିକଟରେ ୨ଜଣ ଦୁର୍ବୃତ୍ତ ଗଜେନ୍ଦ୍ରଙ୍କ ସ୍ତ୍ରୀଙ୍କ ବେକରୁ ସୁନାଚେନ୍ ଲୁଟି ନେଇଥିଲେ। ଏହି ସମୟରେ ମହିଳା ଜଣଙ୍କ ତଳେ ପଡି ଆହତ ହୋଇଥିଲେ। ଏ ନେଇ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ. ୨୭୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଏହି ଘଟଣାରେ କନ୍ଦରପୁରର ଗୋପାଳ ରାଉତ, ସସ୍ମିତ ବେହେରା, ମଙ୍ଗଳାବାଗର ସଞ୍ଜୀବ କୁମାର ସାହୁ ଓ ରାଜୀବ ସାହୁଙ୍କୁ ଗିରଫ କରାଯାଇଛି। ଏଥିସହ ସେମାନଙ୍କଠାରୁ ୯୮ ଗ୍ରାମର ସୁନାଅଳଙ୍କାର, ଗୋଟିଏ ବାଇକ୍ ଓ ଦୁଇଟି ମୋବାଇଲ ଫୋନ ଜବତ କରାଯାଇଛି। ଏମାନଙ୍କ ନାଁରେ ବିଭିନ୍ନ ଥାନାରେ ୩୩ଟି ମାମଲା ରହିଥିବା ପୋଲିସ କହିଛି।

ସେହିପରି ଗତ ଡିସେମ୍ବର ୨୧ରେ ଟାଙ୍ଗୀ ଥାନା ତୁଳସୀପୁରର କାହ୍ନୁଚରଣ ରାଉତ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ, ସେହିମାସ ୧୮ ତାରିଖରେ ସେ ମଙ୍ଗୁଳି ଛକରେ ଘରକୁ ଯିବାକୁ ଗାଡିକୁ ଅପେକ୍ଷା କରିଥିଲେ। ଏହି ସମୟରେ ଜଣେ ଯୁବକ ବାଇକ୍‌ରେ ଆସି ତାଙ୍କ ଗାଁ ରାସ୍ତାଦେଇ ଯିବେ ବୋଲି କହି ତାଙ୍କୁ ଗାଡିରେ ବସାଇ ନେଇଥିଲେ। ଅଧାବାଟରେ ତାଙ୍କ ମୋବାଇଲରେ ବାଲାନ୍ସ ନ ଥିବା କହି ମୋବାଇଲ ମାଗିଥିଲେ। ପରେ ପରିସ୍ରା ଯିବା ବାହାନାରେ କାହ୍ନୁଙ୍କୁ ରାସ୍ତାରେ ଓହ୍ଲାଇଦେଇ ମୋବାଇଲ ନେଇ ଦ୍ରୁତଗତିରେ ବାଇକ୍‌ରେ ପଳାଇ ଯାଇଥିଲେ। ଏନେଇ କାହ୍ନୁ ଚୌଦ୍ୱାର ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ. ୬୦୯/୨୦) ରୁଜୁ ହୋଇଥିଲା। ପୋଲିସ ତଦନ୍ତ କରି ଏହି ଘଟଣାରେ ଏକ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲା। ଏହି ଘଟଣାରେ ଯାଜପୁର ଜିଲା ଛତିଆ ଅଞ୍ଚଳର ବିଜୟ ସାମନ୍ତରାୟ, ବାବୁଲି ସାମନ୍ତରାୟ, ରଞ୍ଜନ ସାମନ୍ତରାୟ, ସଞ୍ଜୟ ସାମନ୍ତରାୟ, ସଞ୍ଜୟ ପ୍ରଧାନ, ବିଷ୍ଣୁ ସାମନ୍ତରାୟ ଓ ମାହାଙ୍ଗା ଅଞ୍ଚଳର ବିଶ୍ୱଜିତ୍ ସାହୁଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୨୦ଟି ମୋବାଇଲ ଫୋନ, ଦୁଇଟି ବାଇକ୍ ଓ ସୁନାଅଳଙ୍କାର ଜବତ କରାଯାଇଛି।

### ଚର୍ଚ୍ଚାରେ ଭାଇ-ଭାଇ

ଚୌଦ୍ୱାର ପୋଲିସ ଗିରଫ କରିଥିବା ଅଭିଯୁକ୍ତଙ୍କ ମଧ୍ୟରେ ରହିଛନ୍ତି ବିଜୟ ଓ ସଞ୍ଜୟ। ସେମାନେ ୨ ଭାଇ ବୋଲି ଜଣାପଡିଛି। ସେହିପରି ଚାଉଳିଆଗଞ୍ଜ ପୋଲିସ ଗିରଫ କରିଥିବା ଅଭିଯୁକ୍ତଙ୍କ ମଧ୍ୟରେ ରହିଛନ୍ତି ସଞ୍ଜୀବ ଓ ରାଜୀବ। ଉଭୟ ମଧ୍ୟ ଦୁଇଭାଇ। ସେମାନଙ୍କ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୧୧ଟି ମାମଲା ରହିଛି। ବିଭିନ୍ନ ଲୁଟ୍ ଘଟଣାରେ ଏମାନଙ୍କ ଭୂମିକା ରହିଛି। ଅନ୍ୟପକ୍ଷରେ ପୋଲିସ ଅଧିକ ତଦନ୍ତ କରିବାକୁ ଏହି ଗ୍ୟାଙ୍ଗ ସଦସ୍ୟଙ୍କୁ ରିମାଣ୍ଡରେ ଆଣିବ ବୋଲି ଜଣାପଡିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୫ ଅଗଷ୍ଟ, ୨୦୨୧



## ମଦ ଜବତ, ବ୍ୟବସାୟୀ ଗିରଫ

ବାଣପୁର,(ଡି.ଏନ୍.ଏ.): ବାଣପୁର ପୋଲିସ ବୁଧବାର ଜଣେ ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସନିଆ ବେହେରା। ତାଙ୍କ ନିକଟରୁ ୫୦ଲିଟର ଦେଶୀମଦ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୭୯/୨୧)ରୁଜୁ ହୋଇଛି। ସୂଚନା ମୁତାବକ, ପୁଆମା ଶାସନର ଶ୍ମଶାନରେ ମଦ କାରବାର ହେଉଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା। ପୋଲିସର ଏକ ଟିମ୍ ଚଢ଼ାଉ କରି ସନିଆଙ୍କୁ ଧରିବା ସହ ମଦ ଜବତ କରିଥିଲା।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଯୁବକ ମୃତ

ବୋଲଗଡ଼,୪ା୮(ଡି.ଏନ୍.ଏ.): ବୋଲଗଡ଼ ଥାନା ଅଧୀନ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ରାଜସୁନାଖଳା ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରେ ବୁଧବାର ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୋଲଗଡ଼ ବ୍ଲକ ହାଟବସ୍ତ ଗ୍ରାମର ବିକାଶ ଦାଶ। ସୂଚନା ମୁତାବକ, ବିକାଶ ପେଟ୍ରୋଲ ପମ୍ପ ନିକଟ ବାମପାର୍ଶ୍ୱ ରାସ୍ତାରେ ବାଇକ୍ ରଖି ଛିଡ଼ା ହୋଇଥିବା ବେଳେ ନୟାଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ମାଲ୍‌ବାହୀ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ତାଙ୍କୁ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ବିକାଶଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୋଲଗଡ଼ ଆଇଆଇସି ବିଦିତା ନାୟକ ଓ ରାଜ ସୁନାଖଳା ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଜବତ କରିବା ସହିତ ତଦନ୍ତ ଚଳାଇଛନ୍ତି। ତେବେ ଘଟଣାସ୍ଥଳରୁ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡ଼ିଛି।

### ବାଇକ୍ ଧକ୍କାରେ ଜନ ଜାଗରଣ ମହାମେଣ୍ଟ ସଭାପତି ଗୁରୁତର

ନିରାକାରପୁର,୪ା୮(ଡି.ଏନ୍.ଏ.): ନିରାକାରପୁର କଲେଜ ଛକ ନିକଟରେ ବୁଧବାର ବାଇକ୍ ଧକ୍କାରେ ଖୋର୍ଦ୍ଧା ଜିଲା ଜନ ଜାଗରଣ ମହାମେଣ୍ଟ ସଭାପତି ତଥା ବରିଷ୍ଠ ନେତା ବିପିନ କୁମାର ଜୟସିଂହ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଜୟସିଂହ ନିରାକାରପୁର କଲେଜ ଛକ ନିକଟରେ ପୂର୍ବାହ୍ନ ୧୦ଟା ୩୦ରେ ଛିଡ଼ା ହୋଇ ଜଣେ ବ୍ୟକ୍ତିଙ୍କ ସହ କଥା ହେଉଥିବା ବେଳେ ଜଣେ ବାଇକ ଚାଳକ ତାଙ୍କୁ ଧକ୍କା ଦେଇଥିଲେ। ସେଠାରେ ତଳେ ପଡ଼ିଯାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ନିକଟସ୍ଥ ଏକ ନର୍ସିଂହୋମ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ତାଙ୍କ ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡ଼ିଛି।

### ଇଞ୍ଜିନିୟରିଂ ଛାତ୍ରଙ୍କୁ ନିର୍ଯାତନା ଅଭିଯୋଗ

ଯାଁଳା,୪ା୮(ଡିଏନ୍.ଏ.): ଭୁବନେଶ୍ୱର ଉପକଣ୍ଠ ଏକ ଘରୋଇ ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷ ଜଣେ ଛାତ୍ରଙ୍କୁ ମାନସିକ ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ହୋଇଛି। ସୂଚନା ମୁତାବକ, ୨୦୧୮-୧୯ଶିକ୍ଷାବର୍ଷରେ ଛାତ୍ର ଜଣଙ୍କ ଉକ୍ତ କଲେଜରେ ଆଡମିଶନ କରିଥିଲେ। ପ୍ରଥମ ବର୍ଷ କୋର୍ସ ଫି ବାବଦକୁ ୭୫ହଜାର ଟଙ୍କା କହିଥିଲେ ମଧ ଛାତ୍ରଙ୍କ ଠାରୁ ୧ଲକ୍ଷ ଟଙ୍କା ନେଇଥିଲେ। ଏନେଇ ଅଭିଯୋଗ ହୋଇଥିଲେ ମଧ ସୁଫଳ ମିଳି ନ ଥିଲା। ଦ୍ୱିତୀୟ ବର୍ଷ ୮୦ହଜାର ଟଙ୍କା ବଦଳରେ କୋର୍ସ ଫି ୧ଲକ୍ଷ ୫ହଜାର ୫୦୦ଟଙ୍କା ବଢ଼ାଇ ଦେଇଥିଲେ। ପ୍ରତିବାଦ କରିବାରୁ କଲେଜରୁ ବାହାର କରିଦେବେ ବୋଲି କଲେଜ ପକ୍ଷରୁ କୁହାଯାଇଥିଲା। ଏନେଇ ଛାତ୍ର ଜଣଙ୍କ ଯାଁଳା ଫାଣ୍ଡି ଓ ପରେ ଜଟଣୀ ଥାନାରେ ଅଭିଯୋଗ କରିଥିଲେ ମଧ ସୁଫଳ ମିଳିଲା ନାହିଁ। ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି ବୋଲି ଛାତ୍ର ଜଣଙ୍କ ପୋଲିସ କମିଶନରଙ୍କୁ ଭେଟି ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କମିଶନର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

### ଚାରାରୋପଣ କାର୍ଯ୍ୟକ୍ରମ

ବେଗୁନିଆ,୪ା୮(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡ଼ମାଣତୀର ଯୁଥ ଫର ଆକ୍ସନ ପକ୍ଷରୁ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କିସମର ୨୦ଟି ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁଥ ଫର ଆକ୍ସନର ରାଜ୍ୟ ସଂଯୋଜକ ଦେବାଶିଷ ନାୟକ, ପ୍ରକାଶ ବିଜୁଳୀ, ବ୍ଲକ ସଭାପତି ମନୋରଞ୍ଜନ ରଣସିଂହ, ସାଧାରଣ ସମ୍ପାଦକ ପଥ୍ୱୀରାଜ ସମନ୍ତସିଂହ, ସମ୍ପାଦକ ପ୍ରବେଶ ରାଉତରାୟ, ଲୋଚନ ରାଉତରାୟ, ବାବୁ ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରେମଚନ୍ଦଙ୍କ ଜୟନ୍ତୀ

ଜଟଣୀ,୪ା୮(ଡି.ଏନ୍.ଏ.): ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ (ଜଟଣୀ) ପକ୍ଷରୁ ହିନ୍ଦୀ ସାହିତ୍ୟିକ ମୁନସି ପ୍ରେମଚନ୍ଦଙ୍କ ଜନ୍ମ ଜୟନ୍ତୀ ମଙ୍ଗଳବାର ପାଳନ ହୋଇଯାଇଛି। ମଣ୍ଡଳ ରାଜ ଭାଷା ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ରେଳପ୍ରବନ୍ଧକ କଲ୍ୟାଣ ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିଲେ। ହିନ୍ଦୀ ସାହିତ୍ୟ ଏବଂ ହିନ୍ଦୁସ୍ତାନୀ ସାହିତ୍ୟର ବିକାଶ ପାଇଁ ସେ ପ୍ରସିଦ୍ଧ ଲାଭ କରିଥିଲେ। ସେ ରଚନା କରିଥିବା ଗୋଦାନ, କର୍ମଭୂମି ଗବନ୍, ମାନସୋରବର ଉପନ୍ୟାସ ପାଠକଙ୍କୁ ଆକୃଷ୍ଟ କରିଥିଲା। କାର୍ଯ୍ୟକ୍ରମରେ ଏଲିନା ପଣ୍ଡା ସଂଯୋଜନା କରିଥିଲେ।

# ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତକୁ ଗୁରୁତ୍ୱ



ବୈଠକରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପ୍ରଶାନ୍ତ ଜଗଦ୍ଦେବ ଓ ଅନ୍ୟ ଅଧିକାରୀମାନେ।

**ଖୋର୍ଦ୍ଧା, ଚିଲିକା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ**
- ଅଧିକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ପ୍ରସ୍ତାବ
- ରାସ୍ତା, ପାନୀୟଜଳ, ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୪ା୮

ଖୋର୍ଦ୍ଧା ଓ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ ବୁଧବାର ଜିଲା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଭୟ ନିର୍ବାଚନମଣ୍ଡଳୀର ବିଭିନ୍ନ ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଉପସ୍ଥିତ ଥିଲେ। ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଉଭୟ ବିଧାୟକ ଗୁରୁତ୍ୱ ଦେଇଥିଲେ।

ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଆବାସ ଯୋଜନା, କୃଷି, ଉଦ୍ୟାନ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ନିର୍ମାଣ, ପାନୀୟଜଳ, ଗ୍ରାମୀଣ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଷ୍ଟାଫ୍ କ୍ୱାର୍ଟର ନିର୍ମାଣ, ଟାଙ୍ଗୀ ସିଏଚ୍‌ସିରେ ଟ୍ରମା କେୟାର ସେଣ୍ଟର ଖୋଲିବା ତଥା ଖୋର୍ଦ୍ଧା, ଟାଙ୍ଗୀ, ବାଣପୁର ଓ ଚିଲିକା ବ୍ଲକରେ ଅଧିକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ଲାଗି ଉଭୟ ବିଧାୟକ ପ୍ରସ୍ତାବ ଦେଇଥିଲେ। ପିଏନ୍ କଲେଜରେ ଛାତ୍ରାବାସ, ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରାଯିବ। ମହିଳା ମହାବିଦ୍ୟାଳୟରେ ଉନ୍ନତୀକରଣ କରାଯିବ। ଜିଲା ଶିକ୍ଷାଧିକାରୀଙ୍କ ଗୃହ ନିର୍ମାଣ, ମୋ ସ୍କୁଲ, ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଉଭୟ ନିର୍ବାଚନମଣ୍ଡଳୀରେ ଗ୍ରାମ୍ୟ ରାସ୍ତା ନିର୍ମାଣ, ଗ୍ରାମ୍ୟ ଜଳଯୋଗାଣ, ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ରାସ୍ତା ଓ କୋଠାବାଡ଼ି, ଜଳସେଚନ, କୃଷି, ଉଦ୍ୟାନ ଏବଂ ଯୋଗାଣ ବିଭାଗ ପକ୍ଷରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ କହିଥିଲେ। ଜିଲାରେ ପର୍ଯ୍ୟଟନର ବିକାଶ, କ୍ରୀଡ଼ା ଭିତ୍ତିଭୂମି, ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଉପରେ ଉଭୟ ବିଧାୟକ ଗୁରୁତ୍ୱ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ସନତ ମହାନ୍ତି, ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ପିଡି ଡିଆର୍‌ଡିଏ ଦିଗନ୍ତ ରାଉତରାୟ, ଉପଜିଲାପାଳ ଆଇ ଗୌରବ ଶିବାଜୀ, ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି, ପୂର୍ତ୍ତ ନିର୍ବାହୀଯନ୍ତ୍ରୀ ଦୀପକ ପାଣିଗ୍ରାହୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ଜଟଣୀ କୁଦିଆରୀ ମାଲଗୋଦାମ ଛକରେ ବର୍ଷାଜଳ ଜମି ରହିଛି।

## ବ୍ୟାଗ୍ ଝାମ୍ପିବା ବେଳେ ଧରାପଡ଼ିଲେ ଚୋର

ଟାଙ୍ଗୀ(ଖୋର୍ଦ୍ଧା),୪ା୮(ଡି.ଏନ୍.ଏ.)

ଟାଙ୍ଗୀ ଥାନା ଅଧୀନ ଚଣ୍ଡେଶ୍ୱର ଛକ ନିକଟରେ ଜଣେ ମହିଳାଙ୍କଠାରୁ ବୁଧବାର ଜଣେ ଚୋର ଟଙ୍କା ବ୍ୟାଗ ଝାମ୍ପି ନେବା ବେଳେ ଧରାପଡ଼ିଛନ୍ତି। ସେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅଞ୍ଚଳର ବାଳକୃଷ୍ଣ ପ୍ରଧାନ। ସ୍ଥାନୀୟ ଲୋକେ ତାଙ୍କୁ ମାଡ଼ ମାରିବା ସହ ପୋଲିସ ଜିମା ଦେଇଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ ଲକ୍ଷ୍ମୀଧରପୁର ଗ୍ରାମର ପ୍ରମିଳା ଦେଇ ଚାନ୍ଦପୁର ଷ୍ଟେଟ୍ ବ୍ୟାଙ୍କରୁ ୧୫ ହଜାର ଟଙ୍କା ଉଠାଇ ଘରକୁ ଫେରୁଥିଲେ। ଚଣ୍ଡେଶ୍ୱର ଛକ ନିକଟରେ ପ୍ରମିଳାଙ୍କ ଠାରୁ ହଠାତ୍ ବାଳକୃଷ୍ଣ ଟଙ୍କା ବ୍ୟାଗ ଛଡାଇ ନେଇ ଫେରାର ହୋଇଯାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିନେଇଥିଲେ।

## ସ୍ତ୍ରୀଙ୍କୁ ମାଡ଼ ମାରିବା ଘଟଣାରେ ସ୍ୱାମୀ ଗିରଫ

ଜଟଣୀ,୪ା୮(ଡି.ଏନ୍.ଏ.)

ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେବା ଅଭିଯୋଗରେ ବୁଧବାର ତାଙ୍କ ସ୍ୱାମୀଙ୍କୁ ଜଟଣୀ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ସୋମନାଥ ସାହୁ। ସୂଚନା ମୁତାବକ, ଜଟଣୀ ବ୍ଲକ ଅନ୍ତର୍ଗତ ବୁଢାପଡା ଗ୍ରାମରେ ରହୁଥିବା ସୋମନାଥ କୌଣସି କାରଣକୁ ନେଇ ପ୍ରତିଦିନ ସ୍ତ୍ରୀ ସୁଲୋଚନା ସାହୁଙ୍କୁ ମାଡ଼ ମାରିବା ସହିତ ନିର୍ଯାତନା ଦେଉଥିଲେ। ଏନେଇ ସୁଲୋଚନାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୧୧/୨୧) ରୁଜୁକରି ତଦନ୍ତ ଚଳାଇଥିଲା।

## ୧୦ ବର୍ଷରେ ୧୮ ଗୁଣ ବଢ଼ିଛି ଶିଶୁ ନିର୍ଯାତନା

ଭୁବନେଶ୍ୱର, ୪ା୮(ବ୍ୟୁରୋ)

ଦେଶରେ ଶିଶୁ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଓଡ଼ିଶାରେ ଗତ ୧୦ବର୍ଷରେ ଶିଶୁ ନିର୍ଯାତନା ୧୮ଗୁଣ ବୃଦ୍ଧି ପାଇଛି। ୨୦୦୯ରେ ୮୭ ଶିଶୁ ନିର୍ଯାତନା ଅଭିଯୋଗ ହୋଇଥିବାବେଳେ ୨୦୧୯ରେ ତାହା ବୃଦ୍ଧି ପାଇ ୧,୬୪୮ରେ ପହଞ୍ଚିଛି। ଦେଶରେ ଶିଶୁ ନିର୍ଯାତନା ବୃଦ୍ଧିର ଚିତ୍ର ସମ୍ପର୍କିତ ତଥ୍ୟ ଲୋକ ସଭାରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ପ୍ରଦାନ କରିବାପରେ ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଦେଶର ହାର ତୁଳନାରେ ଓଡ଼ିଶାରେ ଶିଶୁ ନିର୍ଯାତନା ଅଧିକ ରହିବାରୁ ସେମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୟାଗଡ଼ରେ ୫ବର୍ଷୀୟା ପରୀ ବଳାତ୍କାର ଓ ହତ୍ୟା ମାମଲା ଅବା ସମ୍ବଲପୁର ବଡ଼ମାଳରେ ନାବାଳିକାଙ୍କୁ ଗଣବଳାତ୍କାର ଭଳି ବହୁ ଘଟଣା ରାଜ୍ୟରେ ଶିଶୁ ନିର୍ଯାତନା ବଢୁଥିବା କଥାକୁ ସୂଚାଉଛି। ଅପରପକ୍ଷରେ ଶିଶୁଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ଶିଶୁ ସୁରକ୍ଷା ଆୟୋଗ ପକ୍ଷରୁ କୁହାଯାଉଛି। ରାଜ୍ୟରେ ମହିଳାଙ୍କ ପାଇଁ ଯେଉଁଭଳି ସ୍ୱତନ୍ତ୍ର ଥାନା ପ୍ରତିଷ୍ଠା ହୋଇଛି ସେହିଭଳି ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ଥାନା ପ୍ରତିଷ୍ଠା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଛି। ଯଦି ମୁଖ୍ୟମନ୍ତ୍ରୀ ଏହାକୁ ଅନୁମତି ଦେବେ, ଏହା ଶିଶୁଙ୍କ ଉପରେ ହେଉଥିବା ନିର୍ଯାତନାକୁ ରୋକିବାରେ ସଫଳ ହେବ ବୋଲି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି।

## ଏସ୍‌ଆଇଙ୍କୁ କାମୁଡ଼ି ଜେଲ ଗଲେ ଅଭିଯୁକ୍ତ ମହିଳା

ଭୁବନେଶ୍ୱର,୪ା୮(ବ୍ୟୁରୋ)

ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଏକ ଅଭିଯୋଗର ତଦନ୍ତ କରିବାକୁ ଯାଇଥିବା ଏସ୍‌ଆଇଙ୍କୁ ଜଣେ ମହିଳା ଆକ୍ରମଣ କରିବା ସହ କାମୁଡ଼ି ଦେବା ଘଟଣାରେ ବୁଧବାର ଅଭିଯୁକ୍ତ ସୁଶ୍ରୀ ସଙ୍ଗୀତା ପଣ୍ଡାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏକ ଅଭିଯୋଗକୁ ଆଧାର କରି ଏସ୍‌ଆଇ ପ୍ରିୟଦର୍ଶିନୀ ବେହେରା ପଚରାଉଚରା ପାଇଁ ସମ୍ପୃକ୍ତ ମହିଳାଙ୍କ ଘରକୁ ଯାଇଥିଲେ। ଘରକୁ କ'ଣ ପାଇଁ ପୋଲିସ ଆସିଛି ବୋଲି ମହିଳା ଜଣକ କହିବା ସହ ଉତ୍କ୍ଷିପ୍ତ ହୋଇ ଏସ୍‌ଆଇ ବେହେରାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲେ।

# ପ୍ରମାଣ ନଷ୍ଟ କରିବାକୁ ଜାଳିଦେଇଥିଲେ

**ଯୁବକଙ୍କୁ ହତ୍ୟା ପରେ ପୋଡ଼ିବା ମାମଲା**
- ୬ କୋର୍ଟଚାଲାଣ: ମାରଣାସ୍ତ୍ର, ୨ବାଇକ ଜବତ
- ଶବରଙ୍କୁ ଏକାଠି କରି ସଙ୍ଗଠନ ସଞ୍ଚାଳନ କରୁଥିଲେ


ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜକିଶୋର ଦୋରା ସୂଚନା ଦେଉଛନ୍ତି।

ଖୋର୍ଦ୍ଧା ଅଫିସ,୪ା୮

ବେଗୁନିଆ ଥାନା ଅନ୍ତର୍ଗତ ମାନପୁରର ସତ୍ୟବ୍ରତ ନାୟକଙ୍କୁ କରଡ଼ଗାଡ଼ିଆରେ ପିଟି ହତ୍ୟା ପରେ ପୋଡ଼ି ମାମଲାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ମାମଲାରେ ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ସ୍ୱପ୍ନେଶ୍ୱର ନାୟକ, ଟୁଲୁ ବେହେରା, ବିଜୟ ନାୟକ, ଶ୍ୟାମଘନ ନାୟକ, ବୈକୁଣ୍ଠ ନାୟକ, ଯୋଗେଶ୍ୱର ନାୟକ। ଏମାନଙ୍କ ନିକଟରୁ ୨ଟି ବାଇକ୍ ଓ ମାରଣାସ୍ତ୍ର ଜବତ ହୋଇଛି। ଅଭିଯୁକ୍ତମାନେ ସତ୍ୟବ୍ରତଙ୍କୁ ଆକ୍ରୋଶମୂଳକ ଭାବେ ହତ୍ୟା କରି ପ୍ରମାଣ ନଷ୍ଟ କରିବା ପାଇଁ ତାଙ୍କ ମୃତଦେହ ପୋଡି ଦେଇଛନ୍ତି। ସପ୍ନେଶ୍ୱର ଓ ସହଯୋଗୀ ଟୁଲୁ ଏବଂ ଅନ୍ୟମାନେ ଖୋର୍ଦ୍ଧା ଜିଲାରେ ଶବରମାନଙ୍କୁ ଏକାଠି କରି ଏକ ସଙ୍ଗଠନ କରୁଥିଲେ। ଶବରଙ୍କୁ ଅନୁସୂଚିତ ଜାତିର ମାନ୍ୟତା ଏବଂ ଏକ ରାଜନୈତିକ ଦଳ ଭାବେ ଏକ ସଙ୍ଗଠନ ସଞ୍ଚାଳନ କରୁଥିଲେ। ସ୍ୱପ୍ନେଶ୍ୱର ପୂର୍ବରୁ ପିପିଲି ଉପନିର୍ବାଚନରେ ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ମଧ ଦାଖଲ କରିଥିଲେ। ଏହି ସଙ୍ଗଠନ ସମ୍ପର୍କରେ ଖୋଳତାଡ଼ ଚାଲିଛି। ଜିଲାର ଅନ୍ୟ କେଉଁ ସ୍ଥାନରେ ଏହାର ସଙ୍ଗଠନ ରହିଛି। ତାହାର ତଦନ୍ତ ଜାରି ରହିଛି ବୋଲି ବୁଧବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜକିଶୋର ଦୋରା କହିଛନ୍ତି। ମିଳିଥିବା ସୂଚନା ମୁତାବକ, ଶବରମାନଙ୍କୁ ସଙ୍ଗଠିତ କରି ରାଜନୀତି ଆଶାରେ ସପ୍ନେଶ୍ୱର, ସହଯୋଗୀ ଟୁଲୁ ଜିଲାର ବିଭିନ୍ନ ଅଞ୍ଚଳରେ ରହୁଥିବା ଶବର ଜାତିକୁ ଏକାଠି କରି ନେତୃତ୍ୱ ନେଇଥିଲେ। ମାନପୁର ଗ୍ରାମର ସତ୍ୟବ୍ରତଙ୍କୁ ଏଥିରେ ସାମିଲ ହେବାକୁ ବାରମ୍ବାର କହିଥିଲେ ମଧ୍ୟ ସତ୍ୟ ଏଥିରେ ରାଜି ହୋଇନଥିଲେ। ଭବିଷ୍ୟତରେ କୌଣସି ବାଧା ସୃଷ୍ଟି କରିବ, ସେଥିଲାଗି ତାଙ୍କୁ ଜୀବନରେ ମାରିଦେବାକୁ ଷଡ଼ଯନ୍ତ୍ର କରିଥିଲେ। ରବିବାର ରାତିରେ ଅଭିଯୁକ୍ତମାନେ ସତ୍ୟଙ୍କୁ ଗାଁରୁ ଅପହରଣ କରିନେଇ କରଡଗାଡିଆ ଟୁଲୁଙ୍କ ଘରକୁ ନେଇ ଯାଇଥିଲେ। ରାତିରେ ତାଙ୍କୁ ବାଉଁଶ, ପାଇପ, ଲାଠିରେ ପିଟି ପିଟି ହତ୍ୟା କରିଥିଲେ। ଭୋର ସାଢେ ୩ଟା ବେଳେ ସତ୍ୟଙ୍କ ମୃତ୍ୟୁ ହୋଇଥିବା ପୋଲିସ କହିଛି। ପରେ ମୃତଦେହକୁ କରଡଗାଡିଆ ନିକଟ କାଜୁ ଜଙ୍ଗଲ ଭିତରକୁ ନେଇ ଜୁଇରେ ଶୁଆଇ ଦେଇଥିଲେ। ତୁମ ଦାଦାଙ୍କ ମୃତ୍ୟୁ ହୋଇଯାଇଛି ବୋଲି ବସନ୍ତଙ୍କୁ ଫୋନ କରି ସ୍ୱପ୍ନେଶର ଜଣାଇଥିଲେ। ମୁଖାଗ୍ନି ଦେବାକୁ ଆସିବାକୁ କହିଥିଲେ। ପରେ ବସନ୍ତ କାଜୁ ଜଙ୍ଗଲରେ ପହଞ୍ଚିବା ପରେ ମୁଖାଗ୍ନି ଦେଇ ସେଠାରୁ କୌଶଳକ୍ରମେ ଫେରି ଆସି ପରିବାରଙ୍କୁ ଜଣାଇବା ସହ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୪୯/୨୧) ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏସପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସଡିପିଓଙ୍କ ନେତୃତ୍ୱରେ ବେଗୁନିଆ ଏବଂ ସଦର ଥାନାକୁ ନେଇ ଗଠିତ ଦୁଇଟି ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପୋଲିସ, ସାଇଣ୍ଟିଫିକ ଟିମ ଘଟଣାସ୍ଥଳରୁ ପୋଡା କାଠ, ପାଉଁଶ, ହାଡ ଆଦି ଜବତ କରିଥିଲା। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ସୁରେଶ ଚନ୍ଦ୍ର ଦାଶ, ସଦର ଏସଡିପିଓ ସୁଶିଲ ମିଶ୍ର, ବେଗୁନିଆ ଥାନାଧିକାରୀ ଲକ୍ଷ୍ମୀଧର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବିଶ୍ୱଜିତ୍


@ କାର୍ତ୍ତିକ


@ ସାଗରିକା


@ ରାଜା


@ ପ୍ରକାଶ

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ

ଜଟଣୀ,୪ା୮(ଡି.ଏନ୍.ଏ.)

ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ଚାକିରି ବିକ୍ରି ପ୍ରତିବାଦରେ ବୁଧବାର ଜଟଣୀ ସହରରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଖୋର୍ଦ୍ଧା ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ପ୍ରଦୀପ ବଡଜେନାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଷ୍ଟାଫ୍ ସିଲେକ୍ସନ ବିଭାଗରେ ହୋଇଥିବା ଦୁର୍ନୀତିରେ ଜଡିତ ସରକାରଙ୍କ ବିଭିନ୍ନ ନେତା ଏବଂ ଅଫିସରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହିତ ସିବିଆଇ ତଦନ୍ତ ଦାବି କରାଯାଇଥିଲା। ସ୍ଥାନୀୟ ଥାନା ଛକଠାରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ବିକ୍ଷୋଭରେ ଜଟଣୀ ଓ ଖୋର୍ଦ୍ଧା ଜିଲା ଭାଜପାର ବହୁ ନେତା ଏବଂ କର୍ମୀ ସାମିଲ ହୋଇଥିଲେ।

## ବ୍ୟବସାୟୀଙ୍କୁ ଗୁଳିକରି ଟଙ୍କା ଲୁଟ୍ ଘଟଣା: ୩ ଗିରଫ

ଖୋର୍ଦ୍ଧା ଅଫିସ,୪ା୮

ବାଘମାରୀ ବଜାରରେ ଜଣେ ବ୍ୟବସାୟୀଙ୍କୁ ଗୁଳିମାଡ଼ କରି ୮୦ହଜାର ଟଙ୍କା ଲୁଟିନେବା ଘଟଣାରେ ବୁଧବାର ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଘମାରୀ ଥାନା ଅଧୀନ ପୋଡାଡିହର କମଳ ମଙ୍ଗରାଜ, କୁମ୍ପିଲୋ ଗ୍ରାମର ଜୀବନ ସୁନ୍ଦରାୟ ଏବଂ ବରୁଣ ସାମନ୍ତରାୟ। ଏମାନଙ୍କ ଠାରୁ ୭ହଜାର ଟଙ୍କା ଜବତ ହୋଇଛି। କମଳଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଛି। ଏହି ଘଟଣାରେ ଫେରାର ଥିବା ୪ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ବୁଧବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜକିଶୋର ଦୋରା କହିଛନ୍ତି। ସୂଚନା ମୁତାବକ, ବାଘମାରୀ ବଜାରରେ ମନମୋହନ ସାମନ୍ତରାୟଙ୍କ ଗ୍ରେସେରି ଦୋକାନ ରହିଛି। ଜୁଲାଇ ୨୯ ରାତି ସାଢ଼େ ୧୦ଟାରେ ମନମୋହନ ଏକ ବ୍ୟାଗରେ ୮୦ହଜାର ଟଙ୍କା ଧରି ଘରକୁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତମାନେ ବାଇକରେ ପିଛା କରିବା ସହ ହାଇସ୍କୁଲ ନିକଟରେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ପରେ ମନମୋହନଙ୍କ ଉପରକୁ ଗୁଳି ଚଳାଇ ତାଙ୍କ ଠାରୁ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଗୁଳି ମନମୋହନଙ୍କ ଡାହଣ ଗୋଡ ତଳକୁ ବାଜିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରିବାରଲୋକଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା(ନଂ.୫୫/୨୧) ରୁଜୁକରି ତଦନ୍ତ ଚଳାଇଥିଲା। ସମ୍ମିଳନୀରେ ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର, ବାଘମାରୀ ଥାନାଧିକାରୀ ଅର୍ଚ୍ଚନା ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଚାରିଛକରୁ ଅପହୃତା ନାବାଳିକା ଗୋଲନ୍ଥରାରୁ ଉଦ୍ଧାର

ନିମାପଡ଼ା,(ଡି.ଏନ୍.ଏ.): ଚାରିଛକ ଫାଣ୍ଡି ଅଞ୍ଚଳରୁ ଗତ ୨୯ତାରିଖରେ ଜଣେ ୧୬ ବର୍ଷୀୟା ବାଳିକାଙ୍କୁ ଜଣେ ମହିଳା ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିଲା। ତେବେ ୬ଦିନ ପରେ ଫାଣ୍ଡି ଅଧିକାରୀ ସନ୍ତୋଷ ସାହୁ ଗଞ୍ଜାମ ଜିଲା ବ୍ରହ୍ମପୁର ନିକଟସ୍ଥ ଗୋଲନ୍ଥରା ଥାନା ଭାଲିଆଗଡ଼ ଗ୍ରାମର ଜଣେ ସମ୍ପର୍କୀୟ ଘରେ ଥିବା ଖବରପାଇ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ପୋଲିସ ବୁଧବାର ନାବାଳିକାଙ୍କୁ ଡାକ୍ତରୀ ମାଇନା ପାଇଁ ନିମାପଡ଼ା ମେଡିକାଲକୁ ପଠାଇଛି। ପରେ ନିମାପଡ଼ା କୋର୍ଟରେ ନାବାଳିକାଙ୍କୁ ହାଜର କରିବା ପରେ ତାଙ୍କ ମାଆଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ପୋଲିସ ମାମଲା(ନଂ.୨୭୨/୨୧) ରୁଜୁ କରି ତଦନ୍ତ ଚଳାଇଛି।




୦୪।୦୮।୨୦୨୧

୧୮୪୯ ଟଙ୍କା

### ଆଜି କ'ଣ କେଉଁଠି

ନିମାପଡ଼ା

- ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ନିମାପଡ଼ା ପୂର୍ତ୍ତବିଭାଗ ଅଫିସ୍ ଘେରାଉ, ପୂର୍ତ୍ତ ବିଭାଗ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା।

## କଟକଣା ମଧ୍ୟରେ ଖୋଲିଲା ମଙ୍ଗଳା ମନ୍ଦିର

କାକଟପୁର,୪।୮(ଡି.ଏନ୍.ଏ.)- କାକଟପୁରର ମା' ମଙ୍ଗଳା ମନ୍ଦିର ବୁଧବାର ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଖୋଲାଯାଇଛି। ଶ୍ରଦ୍ଧାଳୁମାନେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ରଖି ମା'ଙ୍କ ଦର୍ଶନ କରିଥିଲେ। ଯଥେଷ୍ଟ ନିରାପତ୍ତା ନ ଥିବାରୁ ଚାରି ଦ୍ୱାର ବଦଳରେ କେବଳ ତିନି ଦ୍ୱାର ଖୋଲାଯାଇଛି। ଶ୍ରଦ୍ଧାଳୁମାନେ ପୂର୍ବ ଦ୍ୱାରରେ ସାନିଟାଇଜେଶନ କରି ମନ୍ଦିର ପ୍ରବେଶ କରିଥିବାବେଳେ ଉତ୍ତର ଦ୍ୱାରରେ ପ୍ରସ୍ଥାନ କରିବେ। ମନ୍ଦିରରେ କୌଣସି ପ୍ରସାଦ/ଭୋଗ କରିବେ ନାହିଁ, କି ମନ୍ଦିର ବେଢ଼ା ପରିକ୍ରମା କରିବେ ନାହିଁ। ସର୍ବସାଧାରଣଙ୍କୁ ସଚେତନତ କରିବା ପାଇଁ ମନ୍ଦିର ସମ୍ମୁଖରେ ବିଭିନ୍ନ ଗାଇଡ୍‌ଲାଇନର ନୋଟିସ ଲଗାଯାଇଥିବା ମନ୍ଦିର ଟ୍ରଷ୍ଟବୋର୍ଡର ଟ୍ରଷ୍ଟି ତହସିଲଦାର ବିରଞ୍ଚିନାରାୟଣ ବେହେରା ପ୍ରକାଶ କରିଛନ୍ତି।

## କୋରେକ୍ସ ବିକି ୨ ଗିରଫ

ପୁରୀ ଅଫିସ,୪।୮- ବେଆଇନ କୋରେକ୍ସ ବିକିବା ଅଭିଯୋଗରେ ଥାନା ଓ ଥାନା ପୋଲିସ ୨ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ମକୁବନ ଚତୁର୍ଥ ଲେନର ଅଭିଜିତ ରାୟ ଓ ବଳିଆପଣ୍ଡା ଥାନା ମିଶ୍ରସାହି ନିକଟ ହାଡିସାହିର କୃଷ୍ଣଚନ୍ଦ୍ର ମହାନ୍ତି। ପୋଲିସ ସେମାନଙ୍କଠାରୁ ୪୫ଟି କୋରେକ୍ସ ବୋତଲ ସହ ନଗଦ ୩୬୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ୨ଟି ପୃଥକ ମାମଲା(ନଂ.୧୦୧,୧୨୧/ ୨୧) ରୁଜୁ କରିଛି । ସୂଚନାଯୋଗ୍ୟ, ମଙ୍ଗଳବାର ଅପରାହ୍ନରେ ହୁଲୁହୁଲିଆ ପୋଲ ନିକଟରେ ଜଣେ ଯୁବକ କୋରେକ୍ସ ବିକୁଥିବାବେଳେ ଖବରପାଇ ତାଳବଣିଆ ଥାନାଧିକାରୀ ସୁଜିତ କୁମାର ଦାଶଙ୍କ ନେତୃତ୍ୱରେ ଏକ ଟିମ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଅଭିଜିତଙ୍କୁ ଧରିଥିଲେ। ସେହିପରି ଲାଇଟ ହାଉସ ନିକଟରେ ଜଣେ କୋରେକ୍ସ ବିକୁଥିବା ଖବରପାଇ ବଳିଆପଣ୍ଡା ଥାନା ପୋଲିସର ଏକ ଟିମ ସେଠାରେ ଚଢ଼ାଉ କରି କୃଷ୍ଣଙ୍କୁ ଧରିଥିଲେ।

## ଆତ୍ମା କମିଟି ବୈଠକ ଅନୁଷ୍ଠିତ

ସାକ୍ଷୀଗୋପାଳ,୪।୮(ଡି.ଏନ୍.ଏ./ସ୍ୱ.ପ୍ର.)- କୃଷି ଓ କୃଷକମାନଙ୍କ ବିକାଶ ଲକ୍ଷ୍ୟରେ ଗଠନ କରାଯାଇଥିବା ଆତ୍ମା କମିଟି ଅଧକ୍ଷ ରାମଚନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସସ୍ମିତା ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଧ୍ରୁବଚରଣ ଦାଶ ଓ ସଭ୍ୟାଙ୍କ ପ୍ରତିନିଧି ଦେବାଶିଷ ରାୟ ଯୋଗଦେଇ ଥିଲେ। ଚଳିତବର୍ଷ ପାଇଁ ପରୀକ୍ଷାମୂଳକ ଭାବେ ୪ଟି ପୋଖରୀ ନିଆଯାଇ ବହୁମୁଖୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଦାନ କରାଯିବା ସହିତ ଆତ୍ମା ପକ୍ଷରୁ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଗୋଷ୍ଠୀ ସଦସ୍ୟା ମାନଙ୍କୁ ବନରାଜ କୁକୁଡ଼ା ଓ ବତକ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ମତ୍ସ୍ୟ ଯୋଜନାରେ ଚାଷୀ ପଞ୍ଜିକରଣ ସହିତ ୭, ୨୫ ଓ ୧୦୦ କୁଣ୍ଡ ବିଶିଷ୍ଟ ମାଛ କୁଣ୍ଡ ଚାଷ କରାଯିବା ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯିବା ନିମନ୍ତେ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମଣ୍ଡଳ କୃଷି ଅଧିକାରୀ କଲ୍ୟାଣ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧିକାରୀଙ୍କ ମଧ୍ୟରେ ସହକାରୀ କୃଷି ଅଧିକାରୀ ହୃଦାନନ୍ଦ ସାମନ୍ତରାୟ, ପ୍ରାଣୀ ଚିକିତ୍ସାଧିକାରୀ ଡ଼. ଜ୍ଞାନ ରଞ୍ଜନ ମିଶ୍ର, ସହକାରୀ ମତ୍ସ୍ୟ ଅଧିକାରୀ ଦ୍ୱାରିକା ନାଥ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବି. ଟି. ଏମ. ସୋଲେସ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଭାଗୀୟ କର୍ମଚାରୀ ଏ.ଟି. ଏମ. ଭଞ୍ଜକିଶୋର ଗୌଡ଼ ଓ ବିଭୂତି ଭୂଷଣ ପ୍ରଧାନ, କମିଟି ସଦସ୍ୟ ସୁରେଶ ସାହୁ ଓ ସଦସ୍ୟା ପ୍ରଭାସିନୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଅପେକ୍ଷାର ଅନ୍ତ ଘଟାଇଲେ ମହାପ୍ରଭୁ

**ପୁରୀ ଅଫିସ,୪।୮– ପୁରୀ ଶ୍ରୀମନ୍ଦିର ଖୋଲିବା ନେଇ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଦୀର୍ଘଦିନ ଧରି ଜଗା ଦର୍ଶନ ପାଇଁ ଚାହିଁ ରହିଥିବା ଭକ୍ତମାନଙ୍କ ପାଇଁ ଜିଲା ପ୍ରଶାସନ ବାଟ ଫିଟାଇଛନ୍ତି। ଆସନ୍ତା ୧୬ତାରିଖରୁ ଶ୍ରୀମନ୍ଦିର ଖୋଲିବାକୁ ଯାଉଛି। ଏଥିସହ ୨୩ତାରିଖଠାରୁ ମହାପ୍ରଭୁଙ୍କୁ ସର୍ବସାଧାରଣ ଦର୍ଶନ କରିପାରିବେ ବୋଲି ମଙ୍ଗଳବାର ଏ ନେଇ ହୋଇଥିବା ଛତିଶା ନିଯୋଗ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.କ୍ରିଷନ କୁମାର ସୂଚନା ଦେଇଛନ୍ତି। ଏହି ନିଷ୍ପତ୍ତି ପରେ ଅପେକ୍ଷାରେ ଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଶ୍ରୀମନ୍ଦିର ଖୋଲିବାର ଏହି ଆନନ୍ଦ ମୁହୂର୍ତ୍ତକୁ ନେଇ କେତେଜଣ ଭକ୍ତ ଏବଂ ଅଧିକାରୀଙ୍କ ମିଶ୍ରିତ ପ୍ରତିକ୍ରିୟାକୁ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା।**

### ସେବାୟତଙ୍କ ଉପରେ ଗୁରୁଦାୟିତ୍ୱ



"ଦୀର୍ଘଦିନ ପରେ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ଆରମ୍ଭ ହେବାକୁ ଯାଉଛି। କୋଭିଡ୍ କଟକଣା ପାଳନ କରାଇବାରେ ସେବାୟତଙ୍କର ପ୍ରମୁଖ ଭୂମିକା ରହିବ। ଶ୍ରୀମନ୍ଦିର ପ୍ରଶାସନ ଜାରି କରିଥିବା ନିର୍ଦ୍ଦେଶନାମାକୁ ଆମେ, ସେବାୟତମାନେ ଯଥାସମ୍ଭବ ପାଳନ କରିବାକୁ ଚେଷ୍ଟା କରିବୁ। ଏହା ନିହାତି ପକ୍ଷେ ସ୍ୱାଗତଯୋଗ୍ୟ ପଦକ୍ଷେପ। ସେବାୟତମାନଙ୍କ ତରଫରୁ ଭକ୍ତମାନଙ୍କର ଦର୍ଶନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ସହଯୋଗ କରାଯିବ। ମହାପ୍ରଭୁଙ୍କ ଅପାର କରୁଣାରୁ ଭକ୍ତ ଦର୍ଶନ ପାଇବେ।

**–ବିନାୟକ ଦାସମହାପାତ୍ର, ବରିଷ୍ଠ ସେବାୟତ, ଶ୍ରୀମନ୍ଦିର**

### ଆମ ପାଳିକୁ ଅପେକ୍ଷା କରିବୁ



"ପୁରୀ ସହରବାସୀଙ୍କୁ ପ୍ରଥମେ ଦର୍ଶନ ଅନୁମତି ମିଳିଥିବା ବେଳେ ଜିଲାବାସୀ ଅନ୍ୟ ସଭିଙ୍କ ପାଇଁ ୨୩ରୁ ଅନୁମତି ପାଇବେ। କାହାରିକୁ ପ୍ରାଥମିକତା ମିଳିବାକୁ ନେଇ ସମସ୍ୟା ନାହିଁ। ମାତ୍ର ବ୍ୟକ୍ତିଗତ ଭାବେ ଏହି ନିଷ୍ପତ୍ତି ପଛର କାରଣ ମୋତେ ଜଣାପଡୁ ନାହିଁ। ଯଦି ପୁରୀ ସହରବାସୀଙ୍କୁ ସଂକ୍ରମଣରୁ ଦୂରରେ ରଖିବାକୁ ଏଭଳି କରାଯାଇଥାଏ, ତେବେ ଏହା ଏକ ତର୍କହୀନ ନିଷ୍ପତ୍ତି। ସମସ୍ତ ସର୍ବସାଧାରଣ ସ୍ଥାନରେ ସମସ୍ତେ ଏକାଠି ହେଉଥିବା ଶ୍ରୀମନ୍ଦିରକୁ ଜିଲାବାସୀଙ୍କୁ ୧୬ ତାରିଖରୁ ଅନୁମତି ନ ଦେବା କିଭଳି ଭାବେ ଯୁକ୍ତିଯୁକ୍ତ। ତଥାପି ମହାପ୍ରଭୁଙ୍କ ଦର୍ଶନ ମିଳିବା ଏହା ସବୁଠାରୁ ବଡ଼ କଥା। ଆମେ ଦର୍ଶନ ଅପେକ୍ଷାରେ ରହିଛୁ।

**–ଆଲୋକ ମଲ୍ଲିକ, ବ୍ରହ୍ମଗିରି, ପୁରୀ**

### ସମସ୍ତଙ୍କ ପାଇଁ ସମାନ କଟକଣାକୁ ନେଇ ଦ୍ୱନ୍ଦ୍ୱ



"ପୁରୀବାସୀ ନିତିଦିନ ଶ୍ରୀମନ୍ଦିରରେ ଦର୍ଶନ କରିଥାନ୍ତି। ଏଭଳିସ୍ଥଳେ ଶ୍ରୀମନ୍ଦିର ପ୍ରଶାସନ ସ୍ଥାନୀୟ ଲୋକ ଓ ସମସ୍ତଙ୍କ ପାଇଁ ଗୋଟିଏ କଟକଣା କରିବା ନିଷ୍ପତ୍ତି ଠିକ୍ ନୁହେଁ। ବଡ଼ଦେଉଳ ଖୋଲିଲେ ଲୋକେ ପ୍ରତିଦିନ ଆରମ୍ଭ ମହାପ୍ରଭୁଙ୍କ ଦର୍ଶନରୁ ଦିନର ଆରମ୍ଭ କରିଥାନ୍ତି। ଏଭଳି ଲୋକଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ। ପ୍ରଶାସନ ଏପର୍ଯ୍ୟନ୍ତ ସମସ୍ତଙ୍କୁ ଡବଲ୍ ଡୋଜ୍ ଯୋଗାଇବାରେ ସମର୍ଥ ହୋଇପାରି ନାହିଁ। ଏଭଳି ସ୍ଥଳେ ନିତିଦିନିଆ ଲୋକେ କିଭଳି ଶ୍ରୀମନ୍ଦିର ଯିବେ ତାହା ସବୁଠାରୁ ବଡ଼ ପ୍ରଶ୍ନ।

**–ଦିଲୀପ କୁମାର ବରାଳ, ମୋଚିସାହି ଛକ, ପୁରୀ**

### ମହାପ୍ରଭୁଙ୍କ ଦର୍ଶନ ଅପେକ୍ଷାରେ ଥିଲୁ

"ରଥଯାତ୍ରାରେ ମହାପ୍ରଭୁଙ୍କ ଦର୍ଶନ କରି ନ ପାରିବା ସବୁଠାରୁ ବଡ଼ ଅସହାୟ ସ୍ଥିତି ଥିଲା। ସହରବାସିନ୍ଦା ହୋଇ ମଧ୍ୟ ଦର୍ଶନରୁ ବଞ୍ଚିତ ହେଲୁ। କୋଭିଡ୍‌ର ପ୍ରଭାବ କମିବା ପରେ ଶ୍ରୀମନ୍ଦିର ଖୋଲିବା ନେଇ ଚର୍ଚ୍ଚା ହେଲା ଓ ଏବେ ନିଷ୍ପତ୍ତି ଆସିଛି। ୧୬ ତାରିଖରେ ଶ୍ରୀମନ୍ଦିର ଖୋଲିବା ମାତ୍ରେ ହିଁ ଯାଇ ଦର୍ଶନ କରିବୁ। ସପରିବାର ପ୍ରସ୍ତୁତ ହୋଇ ରହିଛୁ। କୋଭିଡ୍‌ର ଡବଲ ଡୋଜ୍ ନେଇ ସାରିଥିବା ହେତୁ ମହାପ୍ରଭୁଙ୍କ ଦର୍ଶନରେ ଆଉ କୌଣସି ବାଧା ନାହିଁ। କରୋନା ସମୟକୁ ଧ୍ୟାନରେ ରଖି ପ୍ରଶାସନ ନେଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ।



**–ଦେବାଶିଷ ପଟ୍ଟନାୟକ, ମାର୍କଣ୍ଡେଶ୍ୱର ସାହି, ପୁରୀ**

### ସୁରକ୍ଷିତ ଦର୍ଶନ ନେଇ ପ୍ରାଥମିକତା



"ଶ୍ରୀମନ୍ଦିର ଖୋଲିବା ପାଇଁ ପ୍ରଶାସନିକ ନିଷ୍ପତ୍ତି ନିଆଯାଇଛି। କୋଭିଡ୍ କଟକଣା ମଧ୍ୟରେ ଶୃଙ୍ଖଳିତ ଓ ସୁରକ୍ଷିତ ଦର୍ଶନ କରାଇବା ପ୍ରଶାସନର ପ୍ରାଥମିକତା। ଏହାରି ଉପରେ ଧ୍ୟାନ ଦେଉଛି। ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀମାନଙ୍କୁ ଏନେଇ ନିର୍ଦ୍ଦେଶନାମା ଜାରି କରାଯାଇଥିବା ବେଳେ ଶ୍ରଦ୍ଧାଳୁମାନେ କଟକଣା ମଧ୍ୟରେ ରହି ମହାପ୍ରଭୁଙ୍କ ଦର୍ଶନ କରିପାରିବେ।

**–ଅଜୟ କୁମାର ଜେନା, ଉନ୍ନୟନ ପ୍ରଶାସକ, ଶ୍ରୀମନ୍ଦିର ପ୍ରଶାସନ**

## ରେଡ୍‌କ୍ରସ୍ ସୁରକ୍ଷା ସମିତିର ଧାରଣା

ବ୍ରହ୍ମଗିରି, ୪।୮(ଡି.ଏନ୍.ଏ.)

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଜଗନ୍ନାଥପାଟଣା ଗ୍ରାମରେ ବୁଧବାର ରାଜ୍ୟ ରେଡ୍‌କ୍ରସ ବାତ୍ୟା ଆଶ୍ରୟସ୍ଥଳୀ ସୁରକ୍ଷା ସମିତିର ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକର ସମ୍ପାଦକ ଓ ସଭ୍ୟମାନେ ୬ଦଫା ଦାବି ନେଇ ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳୀରେ ଶାନ୍ତିପୂର୍ଣ୍ଣ ବିରୋଧ କରିଥିଲେ। ଧାରଣାକାରୀଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କ ସୁବିଧା ପାଇଁ ରେଡ୍‌କ୍ରସ ତରଫରୁ ୬୫ଟି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଛି। ଏହା ସମ୍ପୂର୍ଣ୍ଣ ଭାବେ ଗ୍ରାମ ମାଲିକାନାଭୁକ୍ତ। କିନ୍ତୁ ରେଡ୍‌କ୍ରସ ସଚିବ ଏହାକୁ ଷ୍ଟାଣୁ କରିବା ସହିତ ଏହାର ଅର୍ଥକୁ ତୋସରପାତ କରିବାର ଷଡ଼ଯନ୍ତ୍ର କରୁଥିବାର ଅଭିଯୋଗ କରି ଏହି ଧାରଣା ଦେଇଥିଲେ । ଏମ୍‌ଏମ୍‌ୟୁ ପାଣ୍ଠିରେ ଥିବା ୭ କୋଟିରୁ ଊର୍ଦ୍ଧ୍ୱ ରାଶିକୁ ଅନ୍ୟ କୌଣସି କାର୍ଯ୍ୟରେ ବିନିଯୋଗ ନ କରିବା ଅନୁରୋଧ କରିଥିଲେ। ଏଥିସହ ରେଡ୍‌କ୍ରସ ରାଜ୍ୟ ଶାଖାର ବିଗତ ଦୁଇ ବର୍ଷର କାର୍ଯ୍ୟକ୍ରମର ତଦନ୍ତ ସହ ଏହି ବାତ୍ୟା ଆଶ୍ରୟସ୍ଥଳୀକୁ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ରହିଥିଲା।



ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନରେ ଦୁର୍ନୀତି ପ୍ରତିବାଦରେ ଭାଜପା ପକ୍ଷରୁ ପୁରୀ ଟାଉନ ଥାନା ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଶ୍ରୀମନ୍ଦିରରେ ଚକ୍ରବୁଲା ଏକାଦଶୀ ନୀତି ସମ୍ପନ୍ନ

ପୁରୀ ଅଫିସ,୪।୮

ଶ୍ରାବଣ କୃଷ୍ଣ ଏକାଦଶୀ ତିଥି ବୁଧବାରରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଚକ୍ରବୁଲା ଏକାଦଶୀ ନୀତି ସମ୍ପନ୍ନ ହୋଇଛି। ସୁବର୍ଣ୍ଣର ସୁଦର୍ଶନ ଚକ୍ର ପରମ୍ପରା ଅନୁଯାୟୀ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ପରିକ୍ରମା କରିଥିଲେ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କର ମଧ୍ୟାହ୍ନ ଧୂପ ଛେକ ଆସିବା ପରେ ଭଣ୍ଡାର ଘରୁ ସବର୍ଣ୍ଣର ସୁଦର୍ଶନଙ୍କୁ ଭିତରକୁ ବିଜେ କରାଯାଇଥିଲା। ପରେ ଶ୍ରୀବିଗ୍ରହଙ୍କ ମଧ୍ୟାହ୍ନ ଧୂପ ନୀତି ଓ ସର୍ବାଙ୍ଗ ନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ମହାପ୍ରଭୁଙ୍କ ଚଳନ୍ତିପ୍ରତିମା ଶ୍ରୀମଦନମୋହନ ବେଶ ହୋଇ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ଏକାଦଶୀ ବେଢ଼ାକୁ ବିଜେ କରିଥିଲେ। ପରେ ସୁବର୍ଣ୍ଣ ସୁଦର୍ଶନ ଚକ୍ର ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ବିମାନକୁ ବିଜେ କରିଥିଲେ। ଉକ୍ତ ବିମାନକୁ ଘଣ୍ଟ, ଛତା, କାହାଳି ଏବଂ ସେବାୟତଙ୍କ ଗ୍ରହଣରେ ସହ ବିମାନବଡୁ ସେବାୟତ ନେଇ ସିଂହଦ୍ୱାର ଦେଇ ଶ୍ରୀନଅରକୁ ଯାଇଥିଲେ। ସେଠାରେ ପନ୍ତିଭୋଗ ଅନୁଷ୍ଠିତ ହୋଇଥିଲା। ପରେ ସୁଦର୍ଶନ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ଯଥା ମାର୍କେଣ୍ଡଶ୍ୱର ସାହିର ମାର୍କଣ୍ଡେୟ ଆଶ୍ରମ, ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ଛକ ନିକଟରେ ଅଙ୍ଗିରା ଆଶ୍ରମ, ବାଲି ସାହିସ୍ଥିତ ଭୃଗୁ ଆଶ୍ରମ ଏବଂ ହରଚଣ୍ଡୀ ସାହି ଗୌଡ଼ବାଡ ସାହି ମଧ୍ୟରେ ଥିବା ଶ୍ରୀଯମେଶ୍ୱର ମହାଦେବଙ୍କ ମନ୍ଦିର ନିକଟରେ ଥିବା କଣ୍ଡୁ ଆଶ୍ରମକୁ ବିଜେ କରିଥିଲେ। ଆଶ୍ରମରେ ଚକ୍ରରାଜଙ୍କୁ ଶୀତଳ ଭୋଗ କରାଯିବା ସହ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ନଗର ପରିକ୍ରମା ପରେ ସୁବର୍ଣ୍ଣ ସୁଦର୍ଶନ ଚକ୍ର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ମହାପ୍ରଭୁଙ୍କ ଏହି ନୀତିକୁ ଚକ୍ର ବୁଲା ଏକାଦଶୀ ନୀତି କୁହାଯାଏ।

## ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଜବତ

ପିପିଲି,୪।୮(ସ୍ୱ.ପ୍ର.)

ପିପିଲି ଜଇଶପାଟଣା ଛକ ନିକଟ ସାଇଲାଇଫ ଆପାର୍ଟମେଣ୍ଟ ପାଖ ରାସ୍ତାକଡ଼ ବର ଗଛ ମୂଳରେ ବୁଧବାର ଜଣେ ଯୁବକଙ୍କ ମୃତଦେହକୁ ପିପିଲି ପୋଲିସ ଜବତ କରିଛି। ସେ ହେଲେ ଡେଲାଙ୍ଗ ଥାନା ଜେନାପୁର ଗ୍ରାମର ରତ୍ନାକର ପ୍ରଧାନ(୩୨)। ଜଇଶପାଟଣା ଛକରେ ଏକ ମୁମୂର୍ଷୁ ଅବସ୍ଥାରେ ଜଣେ ଯୁବକ ପଡ଼ିଥିଲେ। ଖବରପାଇ ପୋଲିସ ପହଞ୍ଚି ଯୁବକଙ୍କୁ ପିପିଲି ମେଡିକାଲକୁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସଠାରୁ ସୂଚନା ପାଇ ଯୁବକଙ୍କ ସ୍ତ୍ରୀ ରଶ୍ମିତା ମେଡିକାଲରେ ପହଞ୍ଚିଥିଲେ। ରଶ୍ମିତାଙ୍କ କହିବା ଅନୁଯାୟୀ, ରତ୍ନାକର ଭୁବନେଶ୍ୱରର ଏକ ହସ୍ପିଟାଲରେ ଆଟେନାନ୍ସ ଭାବେ କାର୍ଯ୍ୟ କରୁଥିବା ବେଳେ ପୁରୁଣା ଭୁବନେଶ୍ୱର ମହାବୀର ନଗରରେ ପରିବାର ସହ ରହୁଥିଲେ। ଗତ ୨ତାରିଖରେ ରଶ୍ମିତାଙ୍କ ଜେଜେମାଆଙ୍କ ଶୁଦ୍ଧକ୍ରିୟା ପାଇଁ ପରିବାରକୁ ବାପଘର ଡେଲାଙ୍ଗ ଅଞ୍ଚଳରେ ଛାଡ଼ି ନିଜେ ଫେରିଥିଲେ। ବୁଧବାର ପୁନର୍ବାର ଗାଁକୁ ଯିବାବେଳେ ପିପିଲି ନିକଟରେ ପହଞ୍ଚିଥିବା ରଶ୍ମିତାଙ୍କୁ ଫୋନ କରି କହିଥିଲେ। ପରେ ଆଉ ରତ୍ନାକର ଫୋନ ଉଠାଇ ନ ଥିଲେ।

## ସ୍ତ୍ରୀଙ୍କୁ ହତ୍ୟାକରି ସ୍ୱାମୀ ଗିରଫ

ବ୍ରହ୍ମଗିରି,୪।୮(ଡି.ଏନ.ଏ)

ବ୍ରହ୍ମଗିରି ଥାନା ବିଲ ପାଞ୍ଚଗଛିଆ ଗୌଡ ସାହି ଗ୍ରାମରେ ମଙ୍ଗଳବାର ରାତିରେ ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀ ଗିରଫ ହୋଇଛନ୍ତି। ସେ ହେଲେ ଏହି ଗ୍ରାମର ପ୍ରଭାକର ଦେ। ଏ ନେଇ ପୋଲିସ ମାମଲା(ନଂ.୧୫୬/୨୧) ରୁଜୁ କରିବା ସହ ମହିଳାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଗୌଡ଼ ସାହି ଗ୍ରାମର ମାଳତି ଦେ ସ୍ୱାମୀଙ୍କ ମୃତ୍ୟୁ ପରେ ଦିଅର ପ୍ରଭାକରଙ୍କୁ ୮ବର୍ଷ ତଳେ ବିବାହ କରିଥିଲେ। ମଙ୍ଗଳବାର ପ୍ରଭାକର ମଦ୍ୟପାନ କରି ମାଳତି ସହ ଝଗଡ଼ା କରି ଆକ୍ରମଣ କରିଥିଲେ। ପରେ ଝିଅର ମୃତ୍ୟୁ ହୋଇଥିବା ନେଇ ଖବରପାଇ ବାପଘର ଲୋକେ ବୁଧବାର ଆସି ଦେଖି ଝିଅକୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ନେଇ ପ୍ରଭାକରଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଖବରପାଇ ବ୍ରହ୍ମଗିରି ପୋଲିସ, ପୁରୀ ଏସ୍‌ପି କନ୍‌ୱର ବିଶାଲ ସିଂ, ଏସ୍‌ଡିପିଓ କିଶୋର କୁମାର ମୁଣ୍ଡ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ପ୍ରଭାକରଙ୍କୁ ଗିରଫ କରିଥିଲେ। ପଚରାଉଚରାବେଳେ ସ୍ତ୍ରୀଙ୍କୁ ହତ୍ୟା କରିଥିବା ନେଇ ପ୍ରଭାକର ସ୍ୱୀକାର କରିଥିଲେ।

## ଟ୍ରକ୍ ଦୁର୍ଘଟଣାରେ ହେଲ୍‌ପର ମୃତ

ସାକ୍ଷୀଗୋପାଳ,୪।୮(ଡି.ଏନ.ଏ)

ସତ୍ୟବାଦୀ ଥାନା ବୀରଗୋବିନ୍ଦପୁର ନିକଟସ୍ଥ ଗୁରୁକୁଳ ଆଥଲେଟିକ୍ସ ନିକଟରେ ବୁଧବାର ଭୋରୁ ଏକ ଟ୍ରକ ଦୁର୍ଘଟଣା ଘଟି ଟ୍ରକ ହେଲପରଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନୟାଗଡ଼ ଜିଲା ନୂଆଗାଁ ଥାନା ଅଞ୍ଚଳର ବାଙ୍କ ଦାସ। ଜାତୀୟ ରାଜପଥ ଉପରେ ଏକ ବାଲି ବୋଝେଇ ହାଇୱା ପୁରୀ ଆଡକୁ ଯିବା ପାଇଁ ଠିଆ ହୋଇଥିଲା। ଲୁହାଛଡ଼ ନେଇ ପୁରୀ ଆସୁଥିବା ଏକ କାର୍ଗୋ ଟ୍ରକ ହାଇୱା ପଛରେ ପିଟି ହୋଇଥିଲା। ଦୁର୍ଘଟଣାରେ ହେଲପର ଜଣକ ଟ୍ରକ ମଧ୍ୟରେ ଚାପି ହୋଇ ରହିଯାଇଥିଲେ। ଖବରପାଇ ସାକ୍ଷୀଗୋପାଳ ଦମକଳ କେନ୍ଦ୍ରର କର୍ମୀମାନେ ଟ୍ରକକୁ ଗ୍ୟାସ କଟର ସାହାଯ୍ୟରେ କାଟି ତାଙ୍କୁ ଉଦ୍ଧାର କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପୂଜ୍ୟପୂଜା ସଂସଦ ପକ୍ଷରୁ ଜନ ସତ୍ୟାଗ୍ରହ

ପୁରୀ ଅଫିସ,୪।୮

### ସ୍ୱର୍ଗଦ୍ୱାର ପାଖରେ ମଦ ଦୋକାନକୁ ବିରୋଧ

ସ୍ୱର୍ଗଦ୍ୱାର ଶ୍ମଶାନ ନିକଟରେ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ବିରୋଧ କରି ପୂଜ୍ୟପୂଜା ସଂସଦ ପକ୍ଷରୁ ବୁଧବାର ଗାନ୍ଧୀ ସ୍ମୃତିପୀଠସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଜନ ସତ୍ୟାଗ୍ରହ କରାଯାଇଛି। ମହୋଦଧି ବେଳାଭୂମିକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟ ନେଇ ପ୍ରଶାସନ ପକ୍ଷରୁ ସେଠାରେ ମଦ କୁଡ଼ିଆ ଯୋଜନା କରିବାକୁ ଯୋଜନା କରାଯାଇଥିଲା। ପରେ ବିରୋଧ ଯୋଗୁ ପ୍ରଶାସନ ଏହାକୁ ପ୍ରତ୍ୟାହାର କରିଥିଲା। ମାତ୍ର ପ୍ରଶାସନ ପୁନର୍ବାର ଲଟେରି ମାଧ୍ୟମରେ ସ୍ୱର୍ଗଦ୍ୱାରରେ ମଦ ଦୋକାନ ଖୋଲିବା ପାଇଁ ନିଷ୍ପତ୍ତି ନେଇଛି। ଯାହା ପ୍ରଶାସନର ମଧୁଚନ୍ଦ୍ରିକାକୁ ପଦାରେ ପକାଇଛି। ସ୍ୱର୍ଗଦ୍ୱାର ହିନ୍ଦୁଙ୍କର ଆସ୍ଥା ଓ ଧାର୍ମିକ ଭାବନାର ସ୍ଥାନ। ଏଠାରେ ମଦ ଦୋକାନ ଖୋଲିଲେ ସ୍ୱର୍ଗଦ୍ୱାରର ପବିତ୍ରତା ନଷ୍ଟ ହେବା ସହ ପରିବେଶ ଉପରେ କୁପ୍ରଭାବ ପକାଇବ। ସୂଚନାଯୋଗ୍ୟ, ପୂର୍ବରୁ ଗୋଟିଏ ମଦଦୋକାନ ସ୍ୱର୍ଗଦ୍ୱାର ନିକଟରେ ରହିଥିଲା। ପୁରୀବାସୀଙ୍କ ବିରୋଧ କାରଣରୁ ଉକ୍ତ ଦୋକନକୁ ୨୦୧୫ରେ ବନ୍ଦ କରି ଦିଆଯାଇଥିଲା। ପୁଣି ସେଠାରେ ମଦ ଦୋକାନ ଖୋଲାଯିବା କେତେଦୂର ନ୍ୟାୟ ସଙ୍ଗତ ବୋଲି ସଂସଦ ପ୍ରଶ୍ନ କରିଛି। ସେହିପରି ରାଜସ୍ୱ ପାଇଁ ବେଳାଭୂମିର ପବିତ୍ରତାକୁ ନଷ୍ଟ କରିବାକୁ ଦିଆଯିବନାହିଁ ବୋଲି ସଂସଦ ସଭାପତି କୃଷ୍ଣ ଜଗଦ୍ଦେବ କହିଥିଲେ। ଜନସତ୍ୟାଗ୍ରହ ପରେ ସଂସଦ ପକ୍ଷରୁ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସ୍ୱର୍ଗଦ୍ୱାର ଏବଂ ବେଳାଭୂମି ନିକଟରେ ମଦ ଦୋକାନ ଖୋଲାଯିବନି ବୋଲି ଜିଲାପାଳ ସମର୍ଥ ବର୍ମା ସଂସଦ ସଭ୍ୟମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ସଂସଦ କହିଛି। ସତ୍ୟାଗ୍ରହରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପ୍ରଭଞ୍ଜନ ମହାପାତ୍ର , ବିଶ୍ୱଜିତ ବଡଜେନା, ଆଦିକନ୍ଦ ଶ୍ରୀଚନ୍ଦନ, ହରିହର ମହାପାତ୍ର, ଭାସ୍କର ମିଶ୍ର ଏବଂ ଦେବପ୍ରସାଦ ସ୍ୱାଇଁଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ସତ୍ୟାଗ୍ରହୀ ଯୋଗଦେଇଥିଲେ।


ପୂଜ୍ୟପୂଜା ସଂସଦ ପକ୍ଷରୁ ପୁରୀ ଗାନ୍ଧୀସ୍ମୃତିଠାରେ ଧାରଣା ଦିଆଯାଇଛି।

## ରୋଗୀଙ୍କୁ ଏକ୍ସପାଏରି ସାଲାଇନ୍ ଦେଇଥିବା ଅଭିଯୋଗ

ପୁରୀ ଅଫିସ,୪।୮

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଅବଧି ଶେଷ ହୋଇଥିବା ସାଲାଇନ୍ ଦିଆଯାଇଥିବା ବୁଧବାର ଅଭିଯୋଗ ହୋଇଛି। ଏ ନେଇ ଚିକିତ୍ସାଳୟରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଯାଇଥିଲା। ପରେ ସ୍ୱାସ୍ଥ୍ୟକର୍ମୀମାନେ ସାଲାଇନ ବଦଳାଇବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୁରୀ ସହରର ରାଜଲକ୍ଷ୍ମୀ ଦାସ କ୍ଲାନ୍ତି କାରଣରୁ ସନ୍ଧ୍ୟାରେ ଉକ୍ତ ହସ୍ପିଟାଲକୁ ଯାଇଥିଲେ। ଅତ୍ୟଧିକ ଥକ୍କାପଣ ହୋଇଥିବା ଅନୁଭବ କରି ଡାକ୍ତର ତାଙ୍କୁ ସାଲାଇନ୍ ଚଢ଼ାଇଥିଲେ। ତେବେ ପ୍ରାୟ ଅଧଘଣ୍ଟା ପରେ ସମ୍ପୃକ୍ତ ରୋଗୀଙ୍କ ସ୍ୱାମୀ ଜାଣିବାକୁ ପାଇଥିଲେ ଯେ ସାଲାଇନର ଅବଧି ଶେଷ ହୋଇଯାଇଛି। ସାଲାଇନ୍‌ରେ ମାନୁଫାକ୍ଚରିଂ ତାରିଖ ଜୁନ୍ ୨୦୧୯ ଲେଖାଥିବା ବେଳେ ଏକ୍ସପାଏରି ଡେଟ୍ ୨୦୨୧ ମେ ବୋଲି ଲେଖାଅଛି। ଏହାକୁ ନେଇ ଡାକ୍ତରଖାନାରେ ରୋଗୀ ସମ୍ପର୍କୀୟମାନେ ପାଟିତୁଣ୍ଡ କରିଥିଲେ। ସ୍ୱାସ୍ଥ୍ୟକର୍ମୀମାନେ ତୁରନ୍ତ ସମ୍ପୃକ୍ତ ସାଲାଇନ୍‌ଟିକୁ କାଢ଼ି ନୂଆ ସାଲାଇନ୍ ଲଗାଇଥିଲେ ମଧ୍ୟ ପରିବାର ଲୋକେ ଏନେଇ କୈଫିୟତ୍ ମାଗିଥିଲେ। ରୋଗୀ ଦାସଙ୍କୁ ପଚାରିବାରୁ କହିଛନ୍ତି, ସାଲାଇନ୍ ନେବା ପରେ ସାମାନ୍ୟ ନିଦ ଲାଗିଥିଲା ଓ ଅଧିକ କ୍ଲାନ୍ତ ହେବା ଭଳି ଅନୁଭବ ହୋଇଥିଲା। ତେବେ ସାଲାଇନ୍‌ର ପ୍ରାୟ ୮୦ ପ୍ରତିଶତ ତାଙ୍କ ଶରୀରକୁ ଚାଲିଯାଇଥିବା ସେ କହିଛନ୍ତି।




ଅନ୍ୟପକ୍ଷେ ସିଡିଏମ୍‌ଓ ସୁଜାତା ମିଶ୍ରଙ୍କ ନଜରକୁ ଘଟଣା ଆସିବା ପରେ ସେ ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେବା ସହ ରୋଗୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଖବର ନେଇଥିଲେ। ତେବେ ଡାକ୍ତରଖାନାରେ ଅବଧି ଶେଷ ହୋଇଥିବା ସାଲାଇନ୍ ଥିଲା କାହିଁକି ଓ ଏହାକୁ ଚଢ଼ାଇବା ପୂର୍ବରୁ ସ୍ୱାସ୍ଥ୍ୟକର୍ମୀମାନେ କାହିଁକି ଧ୍ୟାନ ଦେଲେ ନାହିଁ ସେନେଇ ପ୍ରଶ୍ନ ଉଠିଛି। ଏ ନେଇ ସିଡିଏମଓ କହିଛନ୍ତି, ତଦନ୍ତ ନିର୍ଦ୍ଦେଶ ଏଡିଏମ୍‌ଓଙ୍କୁ ଦିଆଯାଇଥିବା ବେଳେ ଅନିୟମିତତା ହୋଇଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଭାଜପା ଯୁବମୋର୍ଚ୍ଚାର ଜୟନ୍ତ କୁମାର ଦାସ କହିଛନ୍ତି, ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ଲାଗି ରହିଛି। ସିଡିଏମ୍‌ଓଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହୋଇ କେବଳ ତଦନ୍ତରେ ପ୍ରକ୍ରିୟା ସୀମିତ ରହୁଛି। ସିଡିଏମ୍‌ଓ ତୁରନ୍ତ ଘଟଣାକୁ ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

କଟକ ଅଫିସ, ୪।୮

### ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା

ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାରେ ମିଥ୍ୟା କେସ୍ କରି ବୀମା କମ୍ପାନୀଠାରୁ ଟଙ୍କା ହଡପ ଉଦ୍ୟମ କରାଯାଇଛି। ତେଣୁ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କଟକ ଯୁଗ୍ମ ଶ୍ରମ କମିଶନରଙ୍କ ନିକଟରେ ଦାଖଲ କରାଯାଇଥିବା ବୀମା ଟଙ୍କା ଫେରସ୍ତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ବିଶ୍ୱନାଥ ରଥ ଏହାର ଶୁଣାଣି କରିଛନ୍ତି। ପିପିଲି ଅଞ୍ଚଳର ରତ୍ନକାର ସ୍ୱାଇଁଙ୍କର ଟ୍ରାକ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ତେଣୁ ଦୁର୍ଘଟଣାଜନିତ କ୍ଷତିପୂରଣ ପାଇବା ପାଇଁ ତାଙ୍କ ସ୍ତ୍ରୀ ରଶ୍ମିତା ସ୍ୱାଇଁ କଟକ ଶ୍ରମ କମିଶନର ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଶ୍ରମ କମିଶନରଙ୍କ ଅଦାଲତ ଓରିଏଣ୍ଟାଲ ବୀମା କମ୍ପାନୀକୁ କ୍ଷତିପୂରଣ ବାବଦ ୧୧ ଲକ୍ଷ ୨୯ ହଜାର ୨୯୬ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜକରି ବୀମା କମ୍ପାନୀ ହାଇକୋର୍ଟରେ ଅପିଲ କରିଥିଲେ। ଏହାର ତଦନ୍ତ କରିବା ପାଇଁ ହାଇକୋର୍ଟ ୨୦୨୦ ଫେବୃୟାରୀ ୨୬ରେ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିଲେ। କ୍ରାଇମବ୍ରାଞ୍ଚ ତଦନ୍ତ କରି ହାଇକୋର୍ଟରେ ରିପୋର୍ଟ ଦାଖଲ କରିଥିଲା। ମିଥ୍ୟା କାଗଜପତ୍ର ଦାଖଲ କରି ଟଙ୍କା ହଡପ କରାଯାଇଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା।